## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ଗୁରୁତର

କୁଜଙ୍ଗ,୨୨।୫(ସ୍ୱ.ପ୍ର.): କୁଜଙ୍ଗ ସିନେମାହଲ୍ ଛକ ନିକଟରେ ବୁଧବାର ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ବାଇକ୍ ଯୋଗେ ଆସୁଥିବା ଏହି ଯୁବକଙ୍କୁ ଅନ୍ୟ ବାଇକ୍ ସାଇଡ୍ ମାରିବାରୁ ସେ ରାସ୍ତାରେ ପଡିଯାଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଯାଉଥିବା ହାଇୱା ତାଙ୍କ ଗୋଡ ଉପରେ ଚଢି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କୁଜଙ୍ଗ ଓ ପରେ କଟକ ମେଡିକାଲ ପଠାଯାଇଛି। ଏହି ଯୁବକ ହେଉଛନ୍ତି ବାଲିଆ ମଲିପୁରା ଅଞ୍ଚଳର ସଞ୍ଜୟ ଶତପଥୀ(୨୪)। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ହାଇୱାକୁ ଜବତ କରିଛି।

### ଜଗନ୍ନାଥପୁର ପଞ୍ଚାୟତରେ ଜଳଛତ୍ର ଉଦ୍‌ଘାଟିତ

ତିର୍ତ୍ତୋଲ/ରାହାମା,୨୨।୫(ଡି.ଏନ.ଏ.): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତରେ ସାମାଜିକ ସଙ୍ଗଠନ ଏଏଫଆଇଏନ ଓ ଓଆଇଜି ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଦୀର୍ଘଦିନ ଧରି ଚାଲୁ ରହିଥିବା ଏହି ଜଳଛତ୍ର ଫନୀ ବାତ୍ୟା ଯୋଗୁ ସାମୟିକ ଭାବେ ବନ୍ଦ ରହିଥିଲା। ବୁଧବାର ଏଏଫଆଇଏନ ଏବଂ ଓଆଇଜିର ଉପଦେଷ୍ଟା ସଞ୍ଜୟ ମହାନ୍ତି ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ପ୍ରତିଷ୍ଠାତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ମୁଖ୍ୟ ଉପଦେଷ୍ଟା ଦେବପ୍ରସାଦ ନାୟକ(ଫେଲୁ), ସଭାପତି ଶ୍ରୀପତି ଲେଙ୍କା, ସହସମ୍ପାଦକ ଅରବିନ୍ଦ ସ୍ୱାଇଁ, ସମ୍ପାଦକ ସ୍ମୃତି ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ଦାସ, ନିରଞ୍ଜନ ଦାସ, କୋଷାଧ୍ୟକ୍ଷ ତୁଷାର ମହାନ୍ତି, ଉପସମ୍ପାଦକ ସୁନୀଲ ରଣା ଓ ସଭ୍ୟ ଇନ୍ଦ୍ରନିଳମଣିଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି।

### ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା,୨୨।୫(ସ୍ୱ.ପ୍ର.): ଚଳିତ ମାଟ୍ରିକ ପରୀକ୍ଷାରେ ଜିଲାରେ ସର୍ବୋଚ ନମ୍ବର ରଖିଥିବା ବାଲିକୁଦା ଉଚ୍ଚ ବିଦ୍ୟାଳୟର ଛାତ୍ର ଆଶୁତୋଷ ମହାନ୍ତିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆଶୁତୋଷ ୫୬୯ ନମ୍ବର ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ତାଙ୍କ ଜଆଁଳା ଭାଇ ଅଂଶୁମାନ ମଧ ୫୪୭ ନମ୍ବର ରଖି 'ଏ' ୱାନ୍‌ରେ ପାସ କରିଥିବାରୁ ବିଦ୍ୟାଳୟର ଅନ୍ୟତମ ଗୌରବ ବୋଲି କୁହାଯାଇଛି। ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ, ଶିକ୍ଷକ ଶ୍ରୀନିବାସ ସାମନ୍ତରାୟ, ପ୍ରିୟରଞ୍ଜନ ରାୟ ଓ ହିମାଦ୍ରୀ ପ୍ରସାଦ ପରିଡା ପ୍ରମୁଖ ଆଶୁତୋଷ ଓ ଅଂଶୁମାନଙ୍କ କଣିଆ ସ୍ଥିତ ବାସଭବନରେ ପହଞ୍ଚି ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବାଲିକୁଦା ପ୍ରେସ କ୍ଲବ ପକ୍ଷରୁ ସଭାପତି ମନୋଜ ଦାଶ, ସମ୍ପାଦକ ତାପସ ସ୍ୱାଇଁ, ବିଧାନ ରାଉଳ, ପରଶେ ଦାସ, ଅଜୟ ରାଉତ ପ୍ରମୁଖ ଦୁଇ ଭାଇଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି ମଧ ଉଭୟଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

■ ସାଧାରଣ ନିର୍ବାଚନ ଭୋଟ ଗଣତି ଆଜି

# ପ୍ରାର୍ଥୀ, ସମର୍ଥକଙ୍କ ଛାତି ଧଡ଼ଧଡ଼

**ଜଗତ୍‌ସିଂହପୁର ଅଫିସ,୨୨।୫**

■ ୨୦୧୪ ତୁଳନାରେ ଏଥର ପାଖାପାଖି ୪୨ ହଜାର ଅଧିକ ମତଦାନ ହୋଇଛି
■ ବିଧାନସଭା ଆସନକୁ ନେଇ ଆଲୋଚନା ସରଗରମ

ଆଉ ମାତ୍ର କେଇ ଘଣ୍ଟା ପରେ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିବ। କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିବ ସେନେଇ ପ୍ରାର୍ଥୀଙ୍କ ମନରେ ଯେତିକି ଉତ୍କଣ୍ଠା ପ୍ରକାଶ ପାଉଛି ହାରିଯିବା ଭୟ ମଧ ସେତିକି ଛାତିକୁ ଧଡ଼ଧଡ଼ କରିଦେଉଛି। ବିଶେଷକରି ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଏବଂ ସମର୍ଥକଙ୍କ ମହଲରେ ହାର, ଜିତକୁ ନେଇ ନାନା ଦ୍ୱନ୍ଦ୍ୱ ଉପୁଜିଛି। ୨୦୧୪ ତୁଳନାରେ ଏଥର ଜିଲାରେ ପାଖାପାଖି ୪୨ ହଜାର ଅଧିକ ମତଦାନ ହୋଇଥିବାରୁ ସେମାନେ କାହା ସପକ୍ଷରେ ଭୋଟ ଦେଇଛନ୍ତି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଏମ୍‌ପି ସିଟ୍ ଜିଲାର ଜଗତ୍‌ସିଂହପୁର, ବାଲିକୁଦା-ଏରସମା, ତିର୍ତ୍ତୋଲ ଓ ପାରାଦୀପ ସମେତ କଟକ ଜଲାର ନିଆଳି, ପୁରୀ ଜିଲାର ନିମାପଡ଼ା ଓ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ୨୦୧୪ ନିର୍ବାଚନରେ ଏହି ଆଶନଟି ବିଜେଡି ଦଖଲକୁ ଯାଇଥିଲା। ବିଜେଡି ଓ କଂଗ୍ରେସ ମଧ୍ୟରେ ବ୍ୟବଧାନ ୨,୭୬,୩୯୪ ଥିଲା। ଏଥର ଏହି ବ୍ୟବଧାନ ବଢିବ କି କମିବ ତାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ଏମ୍‌ପି ସିଟ୍ ଅନ୍ତର୍ଗତ ଜିଲାର ୪ ବିଧାନସଭା ଆଶନକୁ ନେଇ କିନ୍ତୁ ଆଲୋଚନା ସରଗରମ ହୋଇଛି। ୨୦୧୪ ତୁଳନାରେ ଏଥର ଜଗତ୍‌ସିଂହପୁର ବିଧାନସଭା ଆଶନରେ ୮,୧୫୮ ଅଧିକ ଭୋଟର ମତଦାନ କରିଛନ୍ତି। ଗତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀର ମୋଟ ଭୋଟରଙ୍କ ମଧ୍ୟରୁ ୧,୫୪,୭୫୭ ଜଣ ଭୋଟ ଦେଇଥିବା ବେଳେ ୨୦୧୯ ନିର୍ବାଚନରେ ମୋଟ ଭୋଟର ୨,୧୩,୪୫୫ ମଧ୍ୟରୁ ୧,୬୨,୯୧୬ ମତଦାନ କରିଛନ୍ତି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କୁ ୨,୮୮୮ ଖଣ୍ଡ ଭୋଟ ବ୍ୟବଧାନରେ ହରାଇ କଂଗ୍ରେସର ଚିରଞ୍ଜୀବ ବିଶ୍ୱାଳ ବିଧାୟକ ହୋଇଥିଲେ। ଦାସ ୬୪,୧୭୯ ଓ ବିଶ୍ୱାଳ ୬୭,୦୬୭ ଖଣ୍ଡ ଭୋଟ ପାଇଥିଲେ। ଏଥର ବିଜେଡି ପ୍ରାର୍ଥୀ ହୋଇଛନ୍ତି ପ୍ରଶାନ୍ତ ମୁଦୁଲି। ତେଣୁ ଏହି ନିର୍ବାଚନରେ କାହା ସପକ୍ଷରେ ମତ ଯିବ ତାକୁ ନେଇ ଅଙ୍କକଷା ଚାଲିଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ୨୦୧୪ ନିର୍ବାଚନରେ ୧,୬୧,୧୩୫ ଜଣ ଭୋଟ ଦେଇଥିଲେ। ଏଥର ଏହି ସଂଖ୍ୟା ବଢି ୧,୭୪,୭୦୫ରେ ପହଞ୍ଚିଛି। ଅର୍ଥାତ୍ ୧୩,୫୭୦ ଖଣ୍ଡ ଭୋଟ ବଢିଛି। ଗତ ନିର୍ବାଚନରେ କଂଗ୍ରେସର ରାଜକିଶୋର ବେହେରାଙ୍କୁ ୫୫,୫୦୫ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡିର ରାଜଶ୍ରୀ ମଲ୍ଲିକ ତାଙ୍କଠାରୁ ୩୫,୪୪୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥର ବିଜେଡି ପ୍ରାର୍ଥୀ ହୋଇଛନ୍ତି ବିଷ୍ଣୁ ଚରଣ ଦାସ। ତେଣୁ ଏହି ନିର୍ବାଚନମଣ୍ଡଳୀର ଫଳାଫଳ କ'ଣ ହେଉଛି ତାକୁ ନେଇ ଆଲୋଚନା ଚାଲିଛି। ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ଏଥର ୨୦୧୪ ନିର୍ବାଚନ ତୁଳନାରେ ୧୧,୮୪୭ ଜଣ ଅଧିକ ଭୋଟ ଦେଇଛନ୍ତି।

୨୦୧୪ରେ ୧,୪୪,୦୫୫ ଜଣ ଭୋଟ ଦେଇଥିବାବେଳେ ୨୦୧୯ରେ ୧,୫୫,୯୦୨ ଜଣ ଭୋଟ ଦେଇଛନ୍ତି। ଗତ ନିର୍ବାଚନରେ କଂଗ୍ରେସର ଅରିନ୍ଦମ ସର୍ଖେଲଙ୍କୁ ୪୬,୬୦୬ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡିର ଦାମୋଦର ରାଉତ ତାଙ୍କଠାରୁ ୩୮,୬୦୦ ଖଣ୍ଡ ଅଧିକ ଭୋଟ ପାଇ ବିଧାୟକ ହୋଇଥିଲେ। ଏଥର ରାଉତ ଦଳରୁ ବାଦ୍ ହୋଇଥିଲେ ସୁଦ୍ଧା ତାଙ୍କ ପୁଅ ସମ୍ବିତ ରାଉତରାୟ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସରୁ ସର୍ଖେଲ ଓ ଭାଜପାରୁ ସମ୍ପଦ ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ତେବେ ଜନମତ କାହା ସପକ୍ଷରେ ଯିବ ସେନେଇ ଚାଲିଥିବା ନାନା ଆଲୋଚନାର ଅବସାନ ଘଟିବାକୁ ଯାଉଛି। ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ଗତଥର ୧,୮୧,୮୯୫ ଜଣ ମତଦାନ କରିଥିଲେ। ୨୦୧୯ରେ ଏହାଠାରୁ ୧୧,୫୪୫ ଖଣ୍ଡ ଅଧିକ ଅର୍ଥାତ୍ ୧,୯୩,୪୪୦ ଜଣ ଭୋଟ ଦେଇଛନ୍ତି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିଲେ ପ୍ରଶାନ୍ତ ମୁଦୁଲି। କିନ୍ତୁ ଏଥର ରଘୁନନ୍ଦନ ଦାଶ ଏହି ଦଳର ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସରୁ ପୂର୍ବପରି ଲଲାଟେନ୍ଦୁ ମହାପାତ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ଭାଜପା କିନ୍ତୁ ଏଥର ନେତା ବଦଳାଇ ଦାମୋଦର ରାଉତଙ୍କୁ ପ୍ରାର୍ଥୀ କରିଛି। ଗତ ନିର୍ବାଚନ କଂଗ୍ରେସର ମହାପାତ୍ରଙ୍କୁ ୩୯,୯୮୧ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡିର ମୁଦୁଲି ତାଙ୍କଠାରୁ ୨୩,୯୪୮ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିଲେ। ଏଥର ସମୀକରଣ ନିଆରା ରହିଛି। ସେଥିପାଇଁ ସମସ୍ତଙ୍କ ନଜର ଏବେ ଭୋଟ ଗଣତି ଉପରେ ରହିଛି।

## ବିଦ୍ୟୁତ୍ ସଂଯୋଗ ଦାବିରେ ରାସ୍ତା ଅବରୋଧ



ବିଦ୍ୟୁତ୍ ସଂଯୋଗ ପାଇଁ ଉପଭୋକ୍ତା ବସନ୍ତପୁର ଛକଠାରେ କଟକ-ଜଗତ୍‌ସିଂହପୁର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

**ବିରିଡ଼ି,୨୨।୫(ଡି.ଏନ.ଏ.)**

ବିଦ୍ୟୁତ୍ ସଂଯୋଗ ଦାବିରେ ବିରିଡ଼ି ବ୍ଲକ ସଡ଼େଇଶାସନ ପଞ୍ଚାୟତ ସାନସଡ଼େଇ ଗ୍ରାମର ବହୁ ମହିଳାପୁରୁଷ ବୁଧବାର ବସନ୍ତପୁର ଛକଠାରେ କଟକ-ଜଗତ୍‌ସିଂହପୁର ଏନ୍‌ଏଚ୍ ୫୫କୁ ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଯାତ୍ରୀମାନେ ଖରାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ବିରିଡ଼ି ଥାନା ଆଇଆଇସି ପାରୋଟୁଡୁ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ବିରିଡ଼ି ସେସୁର କନିଷ୍ଠ ପରିଚାଳକ ବନୋଜ ନାୟକ ଓ ଏନ୍‌ଜେନ୍‌ର କନିଷ୍ଠ ପରିଚାଳକ ଅନୀଲ ପ୍ରଧାନଙ୍କୁ ଡକାଇଥିଲେ। କିନ୍ତୁ ଏନ୍‌ଜେନ୍ କନିଷ୍ଠ ପରିଚାଳକ ପ୍ରଧାନ ଅସି ନ ଥିଲେ। ସେସୁର କନିଷ୍ଠ ପରିଚାଳକ ନାୟକ ପହଞ୍ଚି ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ, ସେସୁ ଓ ଏନଜେନ୍ ବିଭାଗରେ ଭଲ ଠିକାଦାର ନାହାନ୍ତି। ସେହିପରି ଆନୁଷଙ୍ଗିକ ସାମଗ୍ରୀ ଓ ଅଧିକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଅଧିକାରୀମାନେ କାର୍ଯ୍ୟ ନ କରି ପାରି ଲୁଚି ରହୁଛନ୍ତି ବୋଲି ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏହି ରାସ୍ତା ଅବରୋଧ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ହୋଇଥିଲା।

## ବ୍ରାଉନ୍‌ସୁଗାର ଜବତ ଘଟଣା: ଅଭିଯୁକ୍ତ କୋର୍ଟଚାଲାଣ

**ବାଲିକୁଦା,୨୨।୫(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅନନ୍ତପୁର ଫାଣ୍ଡି ଅଞ୍ଚଳରୁ ମଙ୍ଗଳବାର ସ୍ଥାନୀୟ ଯୁବକ ଜଣେ ବ୍ରାଉନ୍ ସୁଗାର ବ୍ୟବସାୟୀ ଲିପୁ ସ୍ୱାଇଁଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ବୁଧବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକମାନେ ତାଙ୍କୁ କାବୁ କରିବା ସମୟରେ ତାଙ୍କଠାରୁ ୭ ପୁଡିଆ ବ୍ରାଉନ୍ ସୁଗାର ଓ ୮୫୦ ଟଙ୍କା ଜବତ କରିଥିଲେ। ଜବତ ବ୍ରାଉନ୍ ସୁଗାର ଓ ଟଙ୍କା ସହ ଅଭିଯୁକ୍ତ ଲିପୁଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଜବତ ସାମଗ୍ରୀ ସହ ଅଭିଯୁକ୍ତଙ୍କୁ ଧରି ଜଗତ୍‌ସିଂହପୁର ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲଙ୍କ ନିକଟରେ ପହଞ୍ଚାଇଥିଲା। ଏହାପରେ ଅଧିକ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଯୁବକଜଣଙ୍କ ଜଗତ୍‌ସିଂହପୁର ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ମାଲ ଆଣି ନିଜେ ଖାଇବା ସହିତ ବ୍ୟବସାୟ କରନ୍ତି ବୋଲି ସ୍ୱୀକାର କରିଥିବା ସୂଚନା ମିଳିଛି।

## ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ କିରାଣିଙ୍କ ମଧ୍ୟରେ ମତାନ୍ତର

**ପାରାଦୀପ,୨୨।୫(ସ୍ୱ.ପ୍ର.)**

**ଥାନାରେ ପୃଥକ ଅଭିଯୋଗ**
■ ଜଣେ କିରାଣିଙ୍କ ପୁଅ ୮ ଘଣ୍ଟା ଅଟକ
■ ଏହି ଘଟଣା ଆଲୋଚ୍ୟର ବିଷୟ ହୋଇଛି
■ ଜାନୁୟାରୀରୁ ଆରମ୍ଭ ହେଲାଣି କଳି

ପାରାଦୀପ ଅତିରକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟର କିରାଣିଙ୍କ ମଧ୍ୟରେ ଚାଲିଥିବା ମତାନ୍ତର ବୁଧବାର ଉଗ୍ରରୂପ ନେଇଛି। ୨ କିରାଣିଙ୍କ ମଧ୍ୟରେ କଥା କଟାକଟିକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ କିରାଣିଙ୍କ ପୁଅଙ୍କୁ ପାରାଦୀପ ମଡେଲ ପୋଲିସ ୮ ଘଣ୍ଟା ଅଟକ ରଖିବା ପରେ ରାତିରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଛି। ଏହି ଘଟଣା ଜିଲା ପ୍ରଶାସନିକସ୍ତରରେ ଆଲୋଚ୍ୟର ବିଷୟ ହୋଇଛି। ସୂଚନା ଅନୁସାରେ, ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ୩ଜଣ କିରାଣି ଅଛନ୍ତି। ସେଥିମଧ୍ୟରୁ ଜଣେ ଚୁକ୍ତିଭିତ୍ତିକ, ଆଉଜଣେ ଡେପୁଟେଶନ ଓ ଅନ୍ୟଜଣେ ରେଗୁଲାର ବେସିସରେ ରହିଛନ୍ତି। ଡେପୁଟେଶନରେ ଥିବା ବିରିଡି ତହସିଲର ସେକ୍ସନ ଅଫିସର ବିଶ୍ୱନାଥ ଗୁରୁ ଓ ଏଡିଏମ୍ ଅଫିସର ରେଗୁଲାର ସିନିୟର କ୍ଲର୍କ ରମେଶ ତ୍ରିପାଠୀଙ୍କ ମଧ୍ୟରେ ଗତ ଜାନୁୟାରରୁ କଳି ଆରମ୍ଭ ହେଲାଣି। ବିଶ୍ୱନାଥଙ୍କ ପୂର୍ବରୁ ରମେଶ ଅଫିସର ବଡ଼ବାବୁ ଥିଲେ। ବିଶ୍ୱନାଥ ପଦୋନ୍ନତି ପାଇବା ପରେ ସେହି ବଡ଼ବାବୁ ପାଇବା ଘଟଣା ଓ ଚାର୍ଜ ବଣ୍ଟନକୁ ନେଇ ପ୍ରତିଦିନ କିଛି ନା କିଛି ଗଣ୍ଡଗୋଳ ଚାଲିଥିଲା। ଏହାକୁ ଏଡିଏମ୍ କାହ୍ନୁ ଚରଣ ଧୀର ଜାଣିବା ସତ୍ତ୍ୱେ ସମାଧାନ କରିବା ପରିବର୍ତ୍ତେ ଉଭୟଙ୍କୁ ବୁଝାଇ କାମ କରୁଥିଲେ। ଗତ ୧୯ ତାରିଖରେ ରମେଶ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ତାଙ୍କର ଛୁଟି ଦରଖାସ୍ତକୁ ୩ ଦିନ ହେଲା ପୁଅ ବାପି ତ୍ରିପାଠୀ ଅଫିସକୁ ନେଇ ଯାଇଥିଲେ ମଧ କେହି ରିସିଭ କରି ନ ଥିଲେ। ବୁଧବାର ବାପି ସେହି ଦରଖାସ୍ତକୁ ନେଇ ଅଫିସରେ ପହଞ୍ଚି ଦରଖାସ୍ତ ନେବା ପାଇଁ ବଡ଼ ପାଟିକରି ବିଶ୍ୱନାଥଙ୍କୁ କହିଥିଲେ। ଏହାପରେ ବିଶ୍ୱନାଥ ଏଡିଏମ୍ ଧୀରଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପାରାଦୀପ ମଡେଲ ଥନାରେ କରିଛନ୍ତି। ବାପି ମଧ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଥାନା ଅଧିକାରୀ ରଜନୀ କାନ୍ତ ସାମଲ କହିଛନ୍ତି, ଉକ୍ତ ଅଫିସରେ ଆଭ୍ୟନ୍ତରୀଣ ବିବାଦ ହୋଇଥିଲେ ମଧ ବାପି ପାଟତୁଣ୍ଡି କରିବା ଠିକ୍ ନୁହେଁ। ଏ ନେଇ ତାଙ୍କୁ ଚେତାବନୀ ଦିଆଯାଇଛି। ଏଡିଏମ୍‌ଙ୍କୁ ପଚାରିବାରୁ ରମେଶଙ୍କ ଅଧିକ ଭୁଲ ରହିଛି। ସେ ମୋ ଫୋନ କି ୱାଟ୍ସ ଅପଫ ମେସେଜ୍‌କୁ ଗ୍ରହଣ କରି ନାହାନ୍ତି। ତେଣୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରମେଶ କହିଛନ୍ତି, ଅଫିସରଙ୍କ ବିଭିନ୍ନ ଜାଲିଆତିକୁ ମୁଁ ଅପୋଜ କରିବାରୁ ମୋତେ ଜାଣିଶୁଣି ହଇରାଣ କରାଯାଉଛି। ବିଶ୍ୱନାଥ କହିଛନ୍ତି, ରମେଶ ଠିକଭାବେ କାମ କରୁ ନାହାନ୍ତି ଏବଂ ଅନେକ ତ୍ରୁଟି ରହୁଛି। ଏମିତି ପରସ୍ପର ବିରୋଧୀ ମନ୍ତବ୍ୟ ଓ ଥାନାରେ ମାମଲା ପହଞ୍ଚିବା ଘଟଣା ଜିଲା ପ୍ରଶାସନର ଦୁର୍ବଳତାକୁ ପଦାର ପକାଇଛି। ଖବର ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# କଡ଼ା ସୁରକ୍ଷାରେ ଏସ୍‌ଭିଏମ୍ ମହାବିଦ୍ୟାଳୟ

**ଜଗତ୍‌ସିଂହପୁର ଅଫିସ,୨୨।୫**

■ ଦଳୀୟ ଏଜେଣ୍ଟ ଭିତରକୁ ଗଲେ ଗଣତି ସରିବା ଯାଏ ରହିବେ
■ ଜଗତ୍‌ସିଂହପୁର, ପାରାଦୀପ ପାଇଁ ୧୦ଟି ଲେଖାଏ ଟେବୁଲ
■ ବାଲିକୁଦା-ଏରସମା ଓ ତିର୍ତ୍ତୋଲ ପାଇଁ ୭ଟି ଲେଖାଏ ଟେବୁଲ୍ ବ୍ୟବସ୍ଥା

ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟରେ ଗୁରୁବାର ସକାଳ ୮ଟାରୁ ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ପାଇଁ ଭୋଟ ଗଣତି ହେବ। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାହାରେ କିମ୍ବା ଭିତରେ କୌଣସି ପ୍ରକାର ବିଶୃଙ୍ଖଳା ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଗଣତି ପୂର୍ବରୁ ଯେପରି ପ୍ରସ୍ତୁତି କାର୍ଯ୍ୟ ଶେଷ ହେବ ସେଥିନେଇ ନିଯୁକ୍ତ କର୍ମଚାରୀ ଓ ଏଜେଣ୍ଟମାନେ ଯଥେଷ୍ଟ ଆଗରୁ କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ରହିଛି। ତେବେ ଗଣତି ପାଇଁ ଜଗତ୍‌ସିଂହପୁର ଓ ପାରାଦୀପ ବିଧାନସଭା ଆଶନ ପାଇଁ ୧୦ଟି ଲେଖାଏ, ବାଲିକୁଦା-ଏରସମା ଓ ତିର୍ତ୍ତୋଲ ପାଇଁ ୭ଟି ଲେଖାଏ ଟେବୁଲ୍ କରାଯାଇଛି। ଏହାବାଦ୍ କେନ୍ଦ୍ରୀୟ ଟେବୁଲ୍ କରାଯାଇଛି। ବାଲିକୁଦା-ଏରସମା ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଧିକ ସଂଖ୍ୟକ ବୁଥ୍ ହୋଇଥିବା ବେଳେ ଟେବୁଲ ସଂଖ୍ୟା କମ କରାଯିବା ଆଲୋଚନାର ବିଷୟ ହୋଇଛି। ତେଣୁ ଏହି ନିର୍ବାଚନ ମଣ୍ଡଳୀଦ୍ୱୟର ଫଳାଫଳ ଘୋଷଣାରେ ଯଥେଷ୍ଟ ବିଳମ୍ବ ହେବ ବୋଲି କୁହାଯାଉଛି। ଏଜେଣ୍ଟମାନେ ଭିତରକୁ ଗଲାପରେ ଭୋଟ ଗଣତି ନ ସରିବା ପର୍ଯ୍ୟନ୍ତ ବାହାରକୁ ବାହାରି ପାରିବେ ନାହିଁ ବୋଲି ଜଣାଯାଇଛି। ଜନସାଧାରଣଙ୍କ ଅବଗତି ନିମନ୍ତେ ରାଉଣ୍ଡ ଅନୁଯାୟୀ ସୂଚନା ପ୍ରଦାନ ପାଇଁ ଡାକବାଜି ଯନ୍ତ୍ରର ବ୍ୟବସ୍ଥା କରାଯାଇଛି। ଏହି ସୂଚନା ଦେଇଛନ୍ତି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଗୁହା ପୁନମ ତାପସ କୁମାର।

ଜିଲା ନିର୍ବାଚନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୩୧, ତିର୍ତ୍ତୋଲ ୨୬୫, ବାଲିକୁଦା-ଏରସମା ୩୧୨ ଓ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ଟି ବୁଥ ରହିଛି। ଜଗତ୍‌ସିଂହପୁର ଓ ପାରାଦୀପ ବିଧାନସଭା ଆଶନର ଗଣତି ତଳ ମହଲା, ବାଲିକୁଦା-ଏରସମା ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଗଣତି ୧ମ ମହଲାରେ ହେବ। ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୨ଟି ଲେଖାଏ ପୋଷ୍ଟାଲ ବାଲାଟ୍ ଓ ଏକ୍ସସର୍ଭିସମ୍ୟାନ୍‌ଙ୍କ ପାଇଁ ୧ଟି ଲେଖାଏ ଇଟିପିବିଏସ୍ ଟେବୁଲ କରାଯାଇଛି। ମହାବିଦ୍ୟାଳୟ ଭିତରେ ୨ଟି ପ୍ଲାଜ୍‌ମା ଟିଭି ଲାଗିବ। ସେଥି ମଧ୍ୟରୁ ୧ଟି ଆର୍ଟସ୍ ବ୍ଲକ ପ୍ରବେଶ ଓ ଅନ୍ୟଟି ମିଡିଆ ସେଲରେ ଲଗାଯିବ। ଗଣତି କେନ୍ଦ୍ରରେ ୫୦ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଯାଇଛି। ଏହାବାଦ୍ ୧ ମେଡିକାଲ ଟିମ୍, ୨ ଆମ୍ବୁଲାନ୍ସ ମହାବିଦ୍ୟାଳୟ ପରିସରରେ ମହଜୁଦ ରହିବ। ପାନୀୟ ଜଳ ନିମନ୍ତେ ୨ଟି କୁଲର ଓ ଟ୍ୟାଙ୍କର ରହିବ। ପ୍ରତ୍ୟେକ ଗଣତି ହଲ୍‌ରେ ଇନଭର୍ଟର କନେକ୍ସନ୍, ଟ୍ଏଲେଟ୍, ୨ଟି ଲେଖାଏ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବସ୍ଥା କରାଯାଇଛି। ମିଡିଆ ସେଲ୍‌ରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଟେଲିଫୋନ୍, ଫାକ୍ସ, ଇଣ୍ଟରନେଟ୍ ଓ ଟେଲିଭିଜନ ବ୍ୟବସ୍ଥା କରାଯାଇଛି। ଭିଭିପିଏଟି ଗଣତି ନିମନ୍ତେ ସ୍ୱତନ୍ତ୍ର ଟେବୁଲ ବ୍ୟବସ୍ଥା ହୋଇଛି।


**ମନେ ପଡ଼ନ୍ତି**

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କଳ୍ପନା କୁମାରୀ ଦାଶ
Dash Glass Company MKD Associates, Police line, VIP Road
ଆବିର୍ଭାବ: ୨୮।୦୭।୧୯୫୦
ତିରୋଧାନ: ୧୫।୦୫।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
Contact: 9438180180, 9861080180
ଧ-୬୩୭୭୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ
ଦିଘ୍, ତାଳଚେର
ପୂର୍ବତନ ଶିକ୍ଷାବିତ୍ ତଥା ସରକାରୀ ଅଧିକାରୀ
ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୪।୦୫।୨୦୧୮
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ତଥା କର୍ତ୍ତବ୍ୟ ପରାୟଣତା ଏବଂ ସର୍ବୋପରି ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ପାଥେୟକରି ଆମ୍ଭେମାନେ ଜୀବନରେ ଆଗେଇଚାଲୁ ଏତିକି ଆଶୀର୍ବାଦ କରୁଥାଅ। ତୁମର ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର-ଜ୍ଞାନ, ଭୂପେନ, ପୃଥିରାଜ, ପୁତ୍ରବଧୂ- ସୁମିତ୍ରା, ସୁନିତା, କନ୍ୟା- ସନ୍ଧ୍ୟା, ଶୋଭା, ଜ୍ୱାଇଁ- ସୁରେନ୍ଦ୍ର, ମନୋଜ ଓ ନାତି, ନାତୁଣୀ- ମଣ୍ଟୁ, ସୋମ, ମୁମୁ ସାନ, ସିଦ୍ଧି, ସୃଷ୍ଟି ଓ ପରିବାରବର୍ଗ।
ଧ-୧୨୬୧୦

୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ହରିଚନ୍ଦନ
ନୟାପଲ୍ଲୀ, ଗଡ଼ସାହି
ତିରୋଧାନ: ଜ୍ୟେଷ୍ଠ କୃଷ୍ଣପକ୍ଷ ପଞ୍ଚମୀ ତିଥି
ତୁମର ସ୍ୱଚ୍ଛ ଆନ୍ତରିକତା ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା ଆମକୁ ଅନୁପ୍ରାଣିତ କରୁଥାଉ। ଆମେ ପରମବ୍ରହ୍ମଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ- ରଘୁନାଥ, ଆରତୀ, ନାତୁଣୀ-ଲକି, ଲିକି ଓ ପରିବାରବର୍ଗ
ଧ-୧୨୫୮୩



ପ୍ରଥମ ଜନ୍ମଦିନ ଶୁଭେଚ୍ଛା



Arshita Priyadarshini (Payal)
ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ, ସେ ତୋତେ ସହାୟ ହୁଅନ୍ତୁ ଏବଂ ସଦାସର୍ବଦା ତୋ ସହ ଥାଆନ୍ତୁ।
ଶୁଭେଚ୍ଛା ସହ
ବାବା, ମାମା, ଜେଜେ, ଜେଜେମା, ପିଇସୀ ମାମା, ପିଇସା, ପୂର୍ବି ଦିଦି, ଅଜା, ଆଇ, ମାମୁ, ମାଇଁ, ମାଉସୀ ଏବଂ ପରିବାର ବର୍ଗ
ଧ-୧୨୫୪୩

ପ୍ରଥମ ବର୍ଷର ଜନ୍ମଦିନର ଅଭିନନ୍ଦନ



(ବାପୁନ୍)
ଅଂଶୁମାନ କୁମାର
ସତ୍ୟନଗର, ଭୁବନେଶ୍ୱର
ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ତାର ଚଲାପଥରେ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ ତାକୁ ଦୀର୍ଘାୟୁ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ପାଇଁ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଠାକୁର ଆଇ, ଆଇ, ଅଜା, ବଡ଼ମାମୁ, ସାନମାମୁ
ଧ-୧୨୬୦୫



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-ଆର୍-୨୦୧୯-ଇ୩ ତାରିଖ: ୧୪।୦୫।୨୦୧୯, କାର୍ଯ୍ୟର ନାମ: "ଇଞ୍ଜିନିୟରିଂ ଟିଏସ୍ଆର୍, ସିଟିଆର୍, ଟିଆର୍‌ଆର୍ ଏବଂ ଟିଟିଆର୍ କାର୍ଯ୍ୟ ସଂକ୍ରାନ୍ତରେ ବିଳାସପୁରରୁ ଦୁର୍ଗ, ଦୁର୍ଗ-ଏମ୍‌ଏକ୍ସଏ ମଧ୍ୟରେ ଏବଂ ଏହା ସମେତ ରାୟପୁର ଡିଭିଜନର ସମସ୍ତ ୟାର୍ଡରେ ହଜିଥିବା/କଳଙ୍କିଯୁକ୍ତ/କ୍ଷତିଗ୍ରସ୍ତ ବଣ୍ଡର ବ୍ୟବସ୍ଥା/ବଦଳ"। ଟେଣ୍ଡର ମୂଲ୍ୟ: ₹୪୮,୮୭,୫୫୯/-। ଇଏମ୍‌ଡି: ₹୯୭,୮୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୩,୦୦୦/-। ସମାପ୍ତି ଅବଧି: ୬ ମାସ। ବିଡର୍‌ମାନେ କେବଳ ତା୧୪।୦୬।୨୦୧୯ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ନାକଚ କରିଦିଆଯିବ। ବିବରଣୀ ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି)
PR/R/SR.DEE(TRD)/PM/24 ଏସ୍‌ଇସିଆର୍/ରାୟପୁର
ସ୍ୱଚ୍ଛ ଭାରତ ଅଭିଯାନ



**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-RT-130ER, ତା: 15.05.2019

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ତୁମରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (ନୂଆ = 02 ଗୋଟି, ବୃଦ୍ଧିକରଣ=01 ଗୋଟି), ସେକ୍ସନିଙ୍ଗ୍ ପୋଷ୍ଟ (ବୃଦ୍ଧିକରଣ=01 ଗୋଟି) ର ଡିଜାଇନ୍ (Design), ଯୋଗାଣ, ଉତ୍ଥାନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସମ୍ପର୍କିତ PSI କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 313.21 ଲକ୍ଷ, EMD (ଟଙ୍କାରେ) :₹ 3,06,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.27.06.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ବିଶାଖାପାଟଣା
PR-22/CC/19-20



**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019022, ତା: 16.05.2019

କାର୍ଯ୍ୟର ନାମ : ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପ : (i)ସିଏଚ୍. 28940m-29500m ମଧ୍ୟରେ ଛୋଟ ପୋଲ, ମାଟି କାର୍ଯ୍ୟ ସମ୍ପାଦନ ଏବଂ ଅନ୍ୟ ସମଧରଣର କାର୍ଯ୍ୟ, (ii) ସମଲ, ପରାବିଲ ଏବଂ ଖମାର ଠାରେ ଷ୍ଟେସନ ବିଲ୍ଡିଂ, HL ପ୍ଲାଟଫର୍ମ, ପ୍ଲାଟଫର୍ମ ସେଲ୍ଟର, ସିଗ୍ନାଲ ଗୁମଟି, ପରିସର ପାଚେରୀ, ସଡ଼କ, ଗଭୀର ନଳକୂପ ଇତ୍ୟାଦି, ବିଦ୍ୟୁତୀକରଣ ଏବଂ ଅନ୍ୟ ସମଧରଣର କାର୍ଯ୍ୟଗୁଡ଼ିକ ସହିତ ଖମାର ଠାରେ P.Way ଷ୍ଟୋରର ନିର୍ମାଣ, (iii) ତାଳଚେର-ସୁନାଖଣି ଷ୍ଟେସନ ଏବଂ ସମଲ-ପରାବିଲ୍ ଷ୍ଟେସନ ମଧ୍ୟରେ ବଲକା ସାଇଡ୍ ଡ୍ରେନ୍, ଟୋ ୱାଲର ନିର୍ମାଣ ତଥା ଅନ୍ୟ ବିବିଧ କାର୍ଯ୍ୟ ସମୂହ, (iv) ବୁଢ଼ାପଙ୍କ ଏବଂ ସାଲଗାଁ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ମଙ୍ଗେଶ୍ୱର ଠାରେ ଇନ୍‌ଡୋର ହଲ୍ ନିକଟରେ ଇଲେକ୍ଟ୍ରିକାଲ ନିର୍ମାଣ ୟୁନିଟ୍ ନିମନ୍ତେ ବିଦ୍ୟୁତୀକରଣ ସହିତ ଷ୍ଟୋର କାର୍ଯ୍ୟାଳୟର ନିର୍ମାଣ ଏବଂ (v)ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ସବ୍‌ଷ୍ଟେସନ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ଉନ୍ନୟନ (Upgradation)।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2465.73 ଲକ୍ଷ, EMD (ଟଙ୍କାରେ) :₹ 13,82,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-23/CC/19-20

## ସଂକ୍ଷେପରେ

### ବିହନ ମିଳୁନି, ଚାଷୀ ହତାଶ



ଆଳି,୨୨।୫(ଡି.ଏନ୍.ଏ)-ଅକ୍ଷୟ ତୃତୀୟା ପରେ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଅକ୍ଷୟ ତୃତୀୟାରେ ଅକ୍ଷିମୁଠି ଅନୁକୂଳ ପରେ ଜମିରେ ବିହନ ବୁଣା କାର୍ଯ୍ୟ ଆରମ୍ଭ ହୋଇଥାଏ। ଏ ବର୍ଷ ଅକ୍ଷୟ ତୃତୀୟାକୁ ଦୁଇ ସପ୍ତାହ ବିତି ଯାଇଥିଲେ ମଧ ଆଳି ବ୍ଲକ ଅଞ୍ଚଳରେ ଚାଷୀମାନେ ବିହନ ବୁଣା କାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି। ଚାଷୀଙ୍କ ପାଖରେ ବିହନ ନ ଥିବା ବେଳେ କୃଷି ବିଭାଗ ପକ୍ଷରୁ ବିହନ ଯୋଗାଇ ଦିଆଯାଇନାହିଁ। ବର୍ଷା ଅଭାବରୁ ଅନେକ ଚାଷୀ ଜମିକୁ ହଳ ମଧ କରିପାରିନାହାଁନ୍ତି। ଉକ୍ତ ବ୍ଲକ ଅଞ୍ଚଳରେ ଚାଷ ଜମିକୁ କେନାଲ ଯୋଗେ ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ ଖରିଫ ଚାଷ ଉପରେ ନିର୍ଭର କରିଥାନ୍ତି। କ୍ୱଚିତ୍ କେତେକ ସ୍ଥାନରେ ଚାଷୀମାନେ ରବି ଫସଲ କରୁଥିବା ଦେଖାଯାଏ। ତେଣୁ ସ୍ୱାଭାବିକ ବର୍ଷା ନ ହେବା ଓ ବିହନ ନ ମିଳିବା କାରଣରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଦୈନିକ ଶହଶହ ଚାଷୀ କୃଷିବିଭାଗ କାର୍ଯ୍ୟାଳୟକୁ ବିହନ ପାଇ ଯାଇ ନିରାଶ ହୋଇ ଫେରୁଛନ୍ତି। ଆଳି କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆଳି ଅଞ୍ଚଳ ୩୪ଟି ପଞ୍ଚାୟତରେ ୭୩୦୦ହେକ୍ଟର ଜମିରେ ଖରିଫ ଚାଷ କରାଯାଏ। ଏଥି ନିମନ୍ତେ ୯୦୦ ଶହ କୁଇଣ୍ଟାଲ ବିହନର ଆବଶ୍ୟକତା ରହିଛି। ବ୍ଲକରେ ଥିବା ୧୧ଟି ସେବା ସମବାୟ ସମିତି ଦ୍ୱାରା ଏହି ବିହନ ବିକ୍ରି କରାଯିବାର ବ୍ୟବସ୍ଥା ମଧ ରହିଥିବା ବେଳେ ଗତବର୍ଷ ଏହି ସମବାୟ ସଂସ୍ଥାଗୁଡ଼ିକ ମଧରୁ ମାତ୍ର ଦୁଇଟି ସଂସ୍ଥା ଲୋକମାନଙ୍କୁ ବିହନ ଯୋଗାଣ କରିଥିଲା। ମାତ୍ର ଏ ବର୍ଷ ବିହନ ଯୋଗାଣ ଆରମ୍ଭ ହୋଇନାହିଁ। ଏ ବିଷୟରେ ଆଳି ବ୍ଲକ କୃଷି ବିଭାଗର ସହକାରୀ କୃଷି ସମ୍ପ୍ରସାରଣ ଅଧିକାରୀ ସତ୍ୟପ୍ରକାଶ ଦାଶ କହିଛନ୍ତି, ଖୁବ୍ ଶୀଘ୍ର ବିହନ ପାଇଁ ଇଣ୍ଡେଂଟ ଯିବ ଆଉ ଚାଷୀମାନେ ଠିକ୍ ସମୟରେ ବିହାନ ପାଇବେ।

### ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ରାଜନଗର,୨୨।୫(ଡିଏନଏ)-ରାଜନଗର ବ୍ଲକର ବେଲପାଳସ୍ଥିତ ମହାକାଳୀ ହାଇସ୍କୁଲରେ ଚଳିତବର୍ଷ ୯୮.୬୧ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ପାତ୍ର ୫୩୪ ଅର୍ଥାତ ୮୯ ପ୍ରତିଶତ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ରାଜନଗର ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଦୀପକ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ, ସୌରଭ ଜେନା, ଦେବପ୍ରସାଦ ସାହୁ, ଜ୍ୟୋତିର୍ମୟୀ ରାଉତ, ବିକ୍ରମ ବାରିକ, ବିବେକାନନ୍ଦ ବାରିକ, କେଦାର ଦାସ ପ୍ରମୁଖ କୃତି ଛାତ୍ରୀଙ୍କୁ ଭେଟି ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ରାଜନଗର ଛାତ୍ର କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉଳ, ରଘୁ ଅରକ୍ଷିତ ତାଡୁ, ନିରାକାର ଜେନା, ଶିଶିର କାନ୍ତ ଜେନା, ସୁମନ୍ତ ପ୍ରଧାନ, ବିମଳ ବିଶ୍ୱାଳ, ମନମୋହନ ନାୟକ, ଅବିନାଶ ଦାସ, ଅବିନାଶ ସାମଲ, ସର୍ବେଶ୍ୱର ପାଣି, ବିଷ୍ଣୁପଦ ମଣ୍ଡଳ, ରବୀନ୍ଦ୍ର ରାଉତ, ରାଜେଶ ବସନ୍ତିଆ, ଦେବେନ୍ଦ୍ର ସ୍ୱାଇଁ, ସିଦ୍ଧାର୍ଥ ବଳ ପ୍ରମୁଖ କୃତି ଛାତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।



# ଆଜି ସକାଳ ୮ରୁ ଭୋଟ ଗଣତି

## କେନ୍ଦ୍ରାପଡ଼ା ଜିଲା

- କଡ଼ା ସୁରକ୍ଷା ବଳୟରେ ଭୋଟ ଗଣତି କେନ୍ଦ୍ର
- ୮ଟାରୁ ପୋଷ୍ଟାଲ ବାଲଟ୍ ଗଣତି, ୮ଟା ୩୦ରୁ ଇଭିଏମ୍ ଭୋଟ ଗଣନା ଆରମ୍ଭ
- କେନ୍ଦ୍ରକୁ ମୋବାଇଲ, କ୍ୟାମେରା ମନା

କେନ୍ଦ୍ରାପଡା ଅଫିସ, ୨୨।୫

୨୦୧୯ ସାଧାରଣ ନିର୍ବାଚନ ପାଇଁ ଗୁରୁବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାର ଭୋଟ ଗଣତି କେନ୍ଦ୍ର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତ୍ରିସ୍ତରୀୟ କଡ଼ା ସୁରକ୍ଷା ବଳୟରେ ଭୋଟ ଗଣତି ହେବ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି ଯେ, ଗଣତି କେନ୍ଦ୍ରର ବାହାର ସୁରକ୍ଷା ବଳୟକୁ ରାଜ୍ୟ ପୋଲିସ ନିୟନ୍ତ୍ରଣ କରିବେ। ସେହିପରି ଦ୍ୱିତୀୟ ବଳୟରେ ରାଜ୍ୟ ସଶସ୍ତ୍ର ବାହିନୀ ମୁତୟନ ହୋଇଛନ୍ତି। ଗଣତି କେନ୍ଦ୍ର ନିକଟରେ କେନ୍ଦ୍ରୀୟ ବଳ ମୁତୟନ କରାଯାଇଛି। ପ୍ରତ୍ୟେକ ସିକ୍ୟୁରିଟି ଅଫିସରଙ୍କ ନିକଟରେ ଭିଡିଓ କ୍ୟାମେରା ବ୍ୟବସ୍ଥା ହୋଇଛି। ବିନା ପରିଚୟ ପତ୍ରରେ ଭୋଟ ଗଣତି କେନ୍ଦ୍ରକୁ କାହାରିକୁ ଛଡ଼ା ଯିବନାହିଁ। ଏହି ସମୟରେ କର୍ମଚାରୀମାନେ ମୋବାଇଲ କିମ୍ବା କ୍ୟାମେରା ଭୋଟ ଗଣତି କେନ୍ଦ୍ରକୁ ନେଇପାରିବେ ନାହିଁ। ସକାଳ ୮ରେ ପୋଷ୍ଟାଲ ବାଲଟ ଗଣତି ହେବ। ସକାଳ ୮.୩୦ରୁ ଇଭିଏମ୍ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚୌଧୁରୀ ପ୍ରକାଶ କରିଛନ୍ତି। ଏହା ଶେଷ ହେବା ପରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ୫ଟି ଭିଭିପିଏଟି ଗଣନା କରାଯିବ। ଏଥିପାଇଁ ମୁଖ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି।

କେନ୍ଦ୍ରାପଡା ବିଧାନସଭା ପାଇଁ ପର୍ଯ୍ୟବେକ୍ଷକ ଭାବେ ଶାନ୍ତନୁ ଶର୍ମା ଭୋଟ ଗଣତି କାର୍ଯ୍ୟ ତଦାରଖ କରିବେ। ସେହିପରି ଆଳି ବିଧାନସଭା ପାଇଁ କୁମାରୀ ନିମିଷା ଜୟସୁଆଲ, ରାଜନଗର ପାଇଁ ଏନ ବି ଉପାଧ୍ୟାୟ, ମହାକାଳପଡ଼ା ପାଇଁ ପି. ଆର୍. ରଣା ଓ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜି.ଏଚ୍. ଅବଦୁଲ ରହେମାନ ନିଯୁକ୍ତ ହୋଇଛନ୍ତି। ଏହା ବ୍ୟତୀତ ନିର୍ବାଚନ ଫଳ ପ୍ରକାଶ ଓ ପରବର୍ତ୍ତୀ ସମୟରେ ଜିଲାରେ ଆଇନଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏସ୍‌ପି ନୀତିଶେଖରଙ୍କ ନେତୃତ୍ୱରେ ଜିଲା ପୋଲିସ ବଳ ମୁତୟନ କରାଯାଇଥିବା ସୂଚନା ମିଳିଛି।

## ଖମୋଳରେ ମାଙ୍କଡ଼ ଉତ୍ପାତ ଘଟଣା

# ମାଙ୍କଡ଼କୁ କାବୁ କରିବାରେ ବନ ବିଭାଗ ବିଫଳ

ଡେରାବିଶ, ୨୨।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅଧୀନ ଖମୋଳ ଗ୍ରାମରେ ଉତ୍ପାତ କରୁଥିବା କାମୁଡ଼ା ମାଙ୍କଡ଼କୁ ବୁଧବାର ବନ ବିଭାଗ କର୍ମଚାରୀ ଧରିବା ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଗୁରୁବାର ପୁନର୍ବାର ଏହି କାର୍ଯ୍ୟ କରାଯିବ ବୋଲି ବନ ବିଭାଗର କର୍ମଚାରୀମାନେ ପ୍ରକାଶ କରିଛନ୍ତି।

ଗତ କିଛିଦିନ ହେବ ଖମୋଳ ପଞ୍ଚାୟତ ଖମୋଳ ଗ୍ରାମରେ କାମୁଡ଼ା ମାଙ୍କଡ଼ ଉତ୍ପାତ ବଢ଼ିବାରେ ଲାଗିଛି। ମାଙ୍କଡଟି ପ୍ରଥମେ ଗ୍ରାମର ବିଜୟ ସ୍ୱାଇଁଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଥିବା ବେଳେ ପରେ ଅଂଶୁମାନ ନାୟକ, ପୁଷ୍ପଲତା ନାୟକ, ଅନିଷା ନାୟକ (୬)ଙ୍କୁ କାମୁଡ଼ି ଗୁରୁତର କରିଥିଲା। ଫଳରେ ଗ୍ରାମବାସୀ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ମଙ୍ଗଳବାର ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଜିଲାପାଳଙ୍କୁ ଭେଟି ମାଙ୍କଡ଼କୁ ଧରିବା ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ କର୍ତ୍ତୃପକ୍ଷ ବୁଧବାର ସେହି ମାଙ୍କଡ଼କୁ କାବୁ କରିବାକୁ ଆସିଥିଲେ ହେଁ ତାକୁ ଧରିବାରେ ବିଫଳ ହୋଇଛନ୍ତି।

## ଡେରାବିଶ ବ୍ଲକରେ ପାସ୍ ହାର ୮୦.୪୭

# ୧୨ ଛାତ୍ରୀଛାତ୍ର ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ

ଡେରାବିଶ, ୨୨।୫ (ସ୍ୱ.ପ୍ର.)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ମାଟ୍ରିକ ରେଜଲ୍ଟ ପ୍ରକାଶିତ ହେବା ପରେ କେନ୍ଦ୍ରାପଡ଼ା ଜିଲାରେ ୩୩ଜଣ ଏ ୧ ଗ୍ରେଡ୍ ଅର୍ଥାତ୍ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ତେବେ ସେମାନଙ୍କ ମଧ୍ୟରୁ ଡେରାବିଶ ବ୍ଲକ ଅଞ୍ଚଳର ସର୍ବାଧିକ ୧୨ ଜଣ ଛାତ୍ରୀଛାତ୍ର ଏ୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଚଳିତବର୍ଷେ ଜିଲାରେ ପାସ୍ ହାର ୭୨.୧୧ ରହିଥିବା ବେଳେ ଡେରାବିଶ ବ୍ଲକରେ ପାସ୍ ହାର ୮୦.୪୭ ପ୍ରତିଶତ ହୋଇଥିବା ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ୍ ସୂତ୍ରରୁ ଜଣାପଡ଼ିଛି।

ଚଳିତବର୍ଷ ବ୍ଲକ ଅଧୀନ ୩୭ ସ୍କୁଲର ମୋଟ ୧୮୬୪ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୫୦୦ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏ ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୮ ଛାତ୍ରୀ ଓ ୩ ଛାତ୍ର ରହିଛନ୍ତି। ତନ୍ମଧ୍ୟରେ କଳିଙ୍ଗ ଆବାସିକ ବିଦ୍ୟାଳୟର ୫ ଛାତ୍ରୀ ଓ ୩ ଛାତ୍ର, ଛତାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜଣେ ଛାତ୍ରୀ, କୁଷିଆପାଳ ମଡର୍ନ ପବ୍ଲିକ୍ ସ୍କୁଲର ଜଣେ ଛାତ୍ରୀ ଓ ଜଣେ ଛାତ୍ର ଏବଂ ଛକନା ଶାରଦା ଏକାଡେମୀର ଜଣେ ଛାତ୍ରୀ ଅଛନ୍ତି। ସେହିପରି ଏ୨ ଗ୍ରେଡ୍‌ରେ ୮୦ ପିଲା ପାସ୍ କରିଥିବା ବେଳେ ବି୧ ଗ୍ରେଡ୍‌ରେ ୧୫୯, ବି୨ ଗ୍ରେଡ୍‌ରେ ୨୪୬, ସି ଗ୍ରେଡ୍‌ରେ ୩୩୭, ଡି ଗ୍ରେଡ୍‌ରେ ୩୮୧ ଏବଂ ଇ ଗ୍ରେଡ୍‌ରେ ୨୯୯ ଛାତ୍ରୀଛାତ୍ର ପାସ କରିଛନ୍ତି।

# ସରିଲା ଅବଧି, ଶେଷ ହେଲାନି ସେତୁ ନିର୍ମାଣ

ରାଜକନିକା,୨୨।୫ (ଡି.ଏନ୍.ଏ.)



ଅଧାପନ୍ତରିଆ ସେତୁ।

ଅବଧି ଶେଷ ହେବାର ୪ମାସ ପରେ ବି ଶେଷ ହୋଇପାରିଲାନି ଖରସ୍ରୋତା ସେତୁ ନିର୍ମାଣ କାର୍ଯ୍ୟ। ସେତୁ ନିର୍ମାଣ ଅଧପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ କଣ୍ଡିଆହାଟ ପଟ ଆପ୍ରୋଚ୍ ରାସ୍ତା ତିଆରି ମଧ ଆରମ୍ଭ ହୋଇପାରିନାହିଁ। ଏ ନେଇ ରାଜକନିକା ବ୍ଲକ ଅଧୀନ ପଶ୍ଚିମକନିକା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ୩ ବର୍ଷ ଧରି ପୋଲ ନିର୍ମାଣ ସରି ନ ଥିବାରୁ ଲୋକମାନଙ୍କ ଯିବାଆସିବାରେ ହଇରାଣ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

ଗମନାଗମନ ସୁବିଧା ପାଇଁ ଖରସ୍ରୋତା ନଦୀର କଣ୍ଡିରାହାଟଠାରେ ଏକ ପୋଲ ନିର୍ମାଣ ନିମନ୍ତେ ରାଜକନିକା ବ୍ଲକ ଅଧୀନ ପଶ୍ଚିମକନିକା ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ହେଉଥିଲା। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୬ ଫେବୃୟାରୀରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ସେତୁ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ୧୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ ହୋଇଥିବା ବେଳେ ଗତ ଜାନୁୟାରୀରୁ ଅବଧି ଶେଷ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏହି ସେତୁ ନିର୍ମାଣ ଦିଗରେ ଦୃଷ୍ଟି ନ ଦେବା ଯୋଗୁ ସମ୍ପୃକ୍ତ ଠିକାଦାର ମନମୁଖି କାର୍ଯ୍ୟ କରୁଥିବାରୁ ଏପର୍ଯ୍ୟନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନଥିବା ଅଞ୍ଚଳବାସୀ କହିଛନ୍ତି। କଣ୍ଡିରାହାଟ ପଟ ଆପ୍ରୋଚ ରାସ୍ତା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନଥିବା ବେଳେ ଫାଇଲ ଜିଲାପାଳଙ୍କ କାର୍ଯ୍ୟାଳୟରେ ପଡ଼ିରହିଛି। ଏକାଧିକ ବାର ଅଭିଯୋଗ ପରେସେତୁ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସହକାରୀଯନ୍ତ୍ରୀ ଗୁଣନିଧି ସାମଲଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଇତିମଧ୍ୟରେ ସହକାରୀଯନ୍ତ୍ରୀ ସାମଲ ସେତୁ ନିର୍ମାଣସ୍ଥଳ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ତଦାରଖ କରି ଫେରିଛନ୍ତି। ତେବେ ଯୁଦ୍ଧକାଳୀନ ଭିତ୍ତିରେ ସେତୁ ନିର୍ମାଣ କରାଯାଇ ଆସନ୍ତା ଜୁନ୍ ମାସ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ସାମଲ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସେତୁ ନିର୍ମାଣ ଶେଷ ହେଲେ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହେବା ସହ ପଶ୍ଚିମକନିକା ଓ ଆଳି ଧୋୟାଞ୍ଚଳର ଲକ୍ଷାଧିକ ଲୋକ ଉପକୃତ ହେବେ। ଏଥବସହ ଜିଲା ହେଡ୍ କ୍ୱାର୍ଟରକୁ ଦୂରତା ହ୍ରାସ ପାଇବ ବୋଲି ଅଞ୍ଚଳବାସୀ କହିଛନ୍ତି।

## ଚନ୍ଦନ ଗଛ ଚୋରିକୁ ନେଇ ଉତ୍ତେଜନା

# ମନ୍ଦିର ଆଗରେ ଟାୟାର ଜାଳି ରାସ୍ତା ଅବରୋଧ



ମନ୍ଦିର ଆଗରେ ଗ୍ରାମର ଯୁବକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ରାଜନଗର,୨୨।୫(ଡିଏନଏ)

ରାଜନଗର ବ୍ଲକର କେରଡାଗଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ଗତ ୨୦ ତାରିଖ ରାତିରେ ୨ଫୁଟ ଗୋଲେଇ ଓ ୨୦ ଫୁଟ ଉଚ୍ଚତାର ଏକ ଚନ୍ଦନଗଛକୁ କୌଣସି ଦୁର୍ବୃତ୍ତ କାଟି ନେଇଛି । ଏହି ଘଟଣା ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି । ଯଥାଶୀଘ୍ର କାଠ ଚୋରକୁ ଗିରଫ ଦାବିରେ ବୁଧବାର ସ୍ଥାନୀୟ ଅଞ୍ଚଳର ଯୁବକମାନେ ମନ୍ଦିର ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ପ୍ରକାଶ ଯେ, ଦେବୋତ୍ତର ବିଭାଗର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ଭାବେ କନିକା ରାଜ ପରିବାର ଉକ୍ତ ମନ୍ଦିର ଦାୟିତ୍ୱରେ ଅଛନ୍ତି। ମନ୍ଦିର ବେଢାରେ ୩୦ ବର୍ଷ ତଳୁ ଏକ ଚନ୍ଦନଗଛ ଥିଲା। ହେଲେ ରାତିରେ କେହି ଦୁର୍ବୃତ୍ତ ଉକ୍ତ ଗଛ କାଟି ନେଇ ଯାଇଥିଲା। କନିକା ରାଜାଙ୍କ ବିଶୋଇ ପୀତାମ୍ବର ଦାସ ମଙ୍ଗଳବାର ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ କେରଡାଗଡ ଗ୍ରାମବାସୀ ଓ ଗ୍ରାମର ଯୁବକମାନେ ରାଜନଗର ଥାନାରେ ଅନ୍ୟ ଏକ ଅଭିଯୋଗ କରିଥିଲେ । ଅଭିଯୋଗରେ ମନ୍ଦିରର କର୍ମଚାରୀ ଏହି ଚନ୍ଦନଗଛ ଚୋରିରେ ସଂପୃକ୍ତ ଥିବା ଦର୍ଶାଇଥିଲେ । ବୁଧବାର ଯୁବକମାନେ ରାସ୍ତା ଅବରୋଧ କରିବା ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୁବଶୀଘ୍ର ଚୋରକୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ଅନ୍ୟପକ୍ଷରେ ମନ୍ଦିରର ବିଶୋଇ ଓ ଅନ୍ୟ ସେବାୟତଙ୍କୁ ପୋଲିସ ରାଜନଗର ଥାନାକୁ ଡକାଇ ଜେରା କରିଛି।

### ଆଳିର ୪ ଛାତ୍ରୀଛାତ୍ର ପାଇଲେ ଏ ୧ ଗ୍ରେଡ୍

ଆଳି,୨୨।୫(ଡି.ଏନ୍.ଏ.)

ମାଟ୍ରିକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଜିଲାର ୩୩ଜଣ ପିଲା ଏ ୧ ଗ୍ରେଡ୍ ପାଇଥିବା ବେଳେ ଆଳି ବ୍ଲକର ୪ଜଣ ଛାତ୍ରୀଛାତ୍ର ଏ ୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ପଞ୍ଚାୟତ ହାଇସ୍କୁଲ ସହିରାର ଜଣେ ଛାତ୍ରୀ ଏ ୧ ଗ୍ରେଡ୍ ପାଇଥିବା ବେଳେ ନରେନ୍ଦ୍ରପୁର ପଞ୍ଚାୟତ ପନ୍ଦରଶିଳା ଉଚ୍ଚ ବିଦ୍ୟାଳୟର ୩ ଛାତ୍ର ଏ ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ବୃଦ୍ଧାଙ୍କ ପରଲୋକ

ଡେରାବିଶ,୨୨।୫(ସ୍ୱ.ପ୍ର.)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ହରିଅଙ୍କ ଗ୍ରାମର ଇଚ୍ଛା ମନ୍ତ୍ରୀ(୯୦)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ଇଚ୍ଛା କିଛିମାସ ହେବ ବୟସାଧିକ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ସରପଞ୍ଚ ଯୁଗଳ କିଶୋର ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତିନିପୁଅ ନାରଣ, ବଳରାମ ଓ ବସନ୍ତ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

# ନିୟମ ମାନୁନାହାନ୍ତି ଗାଡ଼ି ଚାଳକ, ରାସ୍ତାରେ ଗଦା ହେଉଛି ବାଲି

ଡେରାବିଶ,୨୨।୫(ସ୍ୱ.ପ୍ର.)

- ବଢ଼ୁଛି ଦୁର୍ଘଟଣା
- ଆନ୍ଦୋଳନ ଚେତାବନୀ

ଡେରାବିଶ ତହସିଲ ଅଧୀନ ଲୁଣାନଦୀର ଅର୍ତ୍ତାମୂଳ ସାହେବ ଗୋଦାମ ଘାଟରୁ ବାଲି ଉଠାଣ ହେଉଛି। ପ୍ରତିଦିନ ଶତାଧିକ ଟ୍ରାକ୍ଟର, ଟ୍ରକ ଆଦି ବାଲି ଉଠାଉଥିବା ବେଳେ ଗାଡ଼ିରୁ ବାଲି ଝରି ରାସ୍ତାରେ ୪ ଇଞ୍ଚରୁ ଅଧିକ ବହଳର ଜମା ହୋଇଛି। ରାସ୍ତାରେ ବାଲି ଜମା ହେବା ଫଳରେ ଏହି ରାସ୍ତା ଦେଇ ଯାତାୟାତରେ ଅସୁବିଧା ହେବାସହ ଦୁର୍ଘଟଣା ବଢୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି।

ସାହେବଗୋଦାମ ଘାଟରୁ ବାଲି ବୋଝେଇ କରି ଟ୍ରକ୍ ଓ ଟ୍ରାକ୍ଟରଗୁଡ଼ିକ କେନ୍ଦ୍ରାପଡା କେନାଲ ଶାଖା (୧୨ନମ୍ବର) ନାଳ ବନ୍ଧ ଦେଇ ଚାନ୍ଦୋଳ ଅଭିମୁଖେ ଯାଉଛି। ଏହି ରାସ୍ତାଟି ମୁକୁନ୍ଦପୁର, ଦାନପୁର ଓ ଯଅଁରାବାରିମୂଳ ତିନୋଟି ପଞ୍ଚାୟତର ମୁଖ୍ୟ ଗମନାଗମନ ରାସ୍ତା ହୋଇଥିବାରୁ ଦୈନିକ ଶହଶହ ଦୁଇଚକିଆ, ଚାରିଚକିଆ ଯାନ ଯା'ଆସ କରିବା ସହ ବହୁ ପଥଚାରୀ ବ୍ୟବହାର କରିଥାନ୍ତି। ରାସ୍ତାଟି ଜଳସେଚନ ବିଭାଗ ଅଧୀନରେ ରହିଛି। ଏହି ଅଣଓସାରିଆ ରାସ୍ତାରେ ବହୁ ସଂଖ୍ୟାରେ ଟ୍ରାକ୍ଟର ଦ୍ରୁତ ଗତିରେ ଯିବା ଆସିବା କରିବା ଫଳରେ ରାସ୍ତା କଡ଼ରେ ଥିବା ମୁକୁନ୍ଦପୁର, ପାଣିଓଳା ଓ ଆର୍ତ୍ତମୂଳ ଗ୍ରାମର ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରୀଛତ୍ରଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ଦେଖାଦେଇଛି ବୋଲି ମତ ପ୍ରକାଶ ପାଇଛି। ସାମାଜିକକର୍ମୀ ପାଣିଓଳା ଗ୍ରାମର ସୁଖଦାନନ୍ଦ ପ୍ରଧାନ କୁହନ୍ତି, ପରିବେଶ ନିୟମ ଅନୁଯାୟୀ ଘାଟରୁ ବାଲି ନେଇ ଯାଉଥିବା ଗାଡ଼ିକୁ ଭଲ ଭାବେ ପାଲରେ ଘୋଡାଇବା କଥା। ତେବେ ଏହି ସ୍ଥାନଟି ପ୍ରଶାସନର ନଜର ଆଢୁଆଳରେ ଥିବାରୁ ବାଲି ବୋଝେଇ ଗାଡିଚାଳକ ପାଲ ବାନ୍ଧୁ ନାହାନ୍ତି। ଫଳରେ ଟ୍ରକ ଟ୍ରାକ୍ଟରରୁ ଝରୁଥିବା ବାଲି ରାସ୍ତାରେ ଜମା ହେଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଏକ ଜନ ଆନ୍ଦୋଳନ ପ୍ରସ୍ତୁତି ଚାଲିଛି। ତୁରନ୍ତ ଏହି ରାସ୍ତାରୁ ପ୍ରଶାସନ ପକ୍ଷରୁ ବାଲି ସଫା ନ ହେଲେ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ ସହାୟତା ଦାବି

ଡେରାବିଶ, ୨୨।୫ (ସ୍ୱ.ପ୍ର.)



କେନ୍ଦ୍ରାପଡ଼ା ଜିଲା ବିଭିନ୍ନ ନାରିକେଳ ସମିତିର ନଡ଼ିଆ ଚାଷୀ ଗତ ୩ ତାରିଖରେ ହୋଇଥିବା ବାତ୍ୟା ଫନୀ ପ୍ରଭାବରେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଅଧିକାଂଶ ଗଛ ଭାଙ୍ଗି ଯାଇଥିବା ବେଳେ କେତେକ ଗଛର ଅଗ୍ରଭାଗ ମୋଡି ହୋଇରହିଯାଇଛି। ଫଳରେ ନଡ଼ିଆ ଚାଷୀମାନଙ୍କ କ୍ଷତି ଭରଣା କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ନାରିକେଳ ଉନ୍ନୟନ ସଂସ୍ଥା ନିକଟରେ କେନ୍ଦ୍ରାପଡ଼ା ନାରିକେଳ ସମିତିର ଜିଲା ସଂଯୋଜକ ତଥା ଡେରାବିଶ ବ୍ଲକ ଅଧୀନ ଇନ୍ଦାଲୋ ପଞ୍ଚାୟତର ଆଖଣ୍ଡଳମଣି ନାରିକେଳ ସମିତି ସଭାପତି ସନାତନ କର ଦାବି କରିଛନ୍ତି।

ଡେରାବିଶ ବ୍ଲକର ୪ ନାରିକେଳ ସମିତି ସମେତ ଗରଦପୁରର ୬ଟି ଓ ମାର୍ଶାଘାଇର ଭୋଟିଏ ନାରିକେଳ ସମିତି ଅଧୀନରେ ଥିବା ୧୧୦୦ ସଭ୍ୟଙ୍କର ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ନଷ୍ଟ ହୋଇଛି। ଏ ନେଇ ଖୋର୍ଦ୍ଧା ଜିଲାର ପିତାପଲ୍ଲୀଠାରେ ଥିବା ରାଜ୍ୟ ନାରିକେଳ ଉନ୍ନୟନ ପରିଷଦର ଉପନିର୍ଦ୍ଦେଶକ ଏବଂ କେରଳର କୋଚିଠାରେ ଥିବା କେନ୍ଦ୍ରୀୟ ନାରିକେଳ ଉନ୍ନୟନ ପରିଷଦର ଅଧ୍ୟକ୍ଷଙ୍କୁ ସୂଚନା ଦିଆଯାଇଛି। ବାତ୍ୟାରେ ନଷ୍ଟ ହୋଇଥିବା ନଡ଼ିଆ ବଗିଚାର ପୁନରୁଦ୍ଧାର ପାଇଁ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ବାତ୍ୟାଜନିତ କ୍ଷତି ଭରଣା କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନାରିକେଳ ସମିତି ପକ୍ଷରୁ ଦାବି ହୋଇଛି।

# ମାର୍ଶାଘାଇ ଅଞ୍ଚଳରେ ଜଳଛତ୍ର ଖୋଲିନାହିଁ

ମାର୍ଶାଘାଇ,୨୨।୫(ଡିଏନ୍ଏ)

**ପଥଚାରୀ ହନ୍ତସନ୍ତ**

ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ଜଳୁଛି ସାରା ଓଡିଶା। କେଉଁ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି ତ ଆଉ କେଉଁଠି ୪୫ ଡିଗ୍ରୀ ଉପରକୁ ଚାଲିଗଲାଣି । ଯାହା ଫଳରେ ଗ୍ରୀଷ୍ମ ପ୍ରଭାବରେ ସମସ୍ତେ ଅସ୍ତବ୍ୟସ୍ତ ହେବା ସହ ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି । କେଉଁଠି ପଥଚାରୀଙ୍କ ପାଇଁ ଜଳଛତ୍ର ତ ଆଉ କେଉଁଠି ବିଶ୍ରାମ ଛାଉଣିର ବନ୍ଦୋବସ୍ତ କରାଯାଇଛି । କିନ୍ତୁ ମାର୍ଶାଘାଇ ବ୍ଲକରେ ଜଳଛତ୍ର ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶକୁ ଅବମାନନା କରାଯାଇଛି ।

କେନ୍ଦ୍ରାପଡା ଜିଲାରେ ଫନୀ ପ୍ରଭାବରେ ଅଧିକାଂଶ ଗଛ ଭାଙ୍ଗି ଯାଇଥିବାରୁ ଗ୍ରୀଷ୍ମର ପ୍ରଭାବ ଅଧିକ ଅନୁଭୂତ ହେଉଛି । ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାଛଡା ଏଭଳି ପରିସ୍ଥିତିରେ ମାର୍ଶାଘାଇ ଅଞ୍ଚଳରେ ଗୋଟିଏ ବି ଜଳଛତ୍ର ଖୋଲି ନ ଥିବାରୁ ପଥଚାରୀ ଦୁର୍ଦ୍ଦଶା ଭୋଗୁଛନ୍ତି । ପୂର୍ବବର୍ଷ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ତରଫରୁ ୧ଲକ୍ଷ ୮ ହଜାର ଟଙ୍କା ବ୍ୟୟରେ ୭୨ଟି ଜଳଛତ୍ର ଖୋଲାଯାଇଥିବା ବେଳେ ଚଳିତବର୍ଷ ମାତ୍ର ୨ଟି ଜଳଛତ୍ର ଖୋଲାଯାଇଛି । ସେଥିମଧ୍ୟରୁ ମାର୍ଶାଘାଇ ବଜାରରେ ଗୋଟିଏ ବି ଜଳଛତ୍ର ଖୋଲି ନ ଥିବାରୁ ବଜାର ଉପରେ ଏହାର ପ୍ରଭାବ ପଡ଼ିଛି । କାରଣ ମାର୍ଶାଘାଇ ବ୍ଲକର ଏକ ତୃତୀୟାଂଶ ଲୋକ ମାର୍ଶାଘାଇ ବଜାର ଉପରେ ନିର୍ଭର କରୁଥିବା ବେଳେ ବଜାରକୁ ଲାଗି ୫ ଟି ବ୍ୟାଙ୍କ, ବ୍ଲକ, ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ ମହାବିଦ୍ୟାଳୟ, ମାର୍ଶାଘାଇ ବାଳିକା ମହାବିଦ୍ୟାଳୟ ସମେତ ୩ ଟି ଉଚ୍ଚ ବିଦ୍ୟାଳୟ ରହିଛି । ଏହି ସ୍ଥାନରେ ପ୍ରତିଦିନ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଚଳପ୍ରଚଳ କରୁଥିବା ବେଳେ ଗୋଟିଏ ବି ଜଳଛତ୍ର ଖୋଲିନାହିଁ । ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଡି. କେ. ସିଂ ମାର୍ଶାଘାଇ ବ୍ଲକକୁ ଜଳଛତ୍ର ଖୋଲିବା ନିମନ୍ତେ ଗତ ମାର୍ଚ୍ଚ ୨୬ ତାରିଖରେ ଏକ ଚିଠି କରିଥିଲେ। ଚିଠି ନଂ ୬୧୨୬ ଅନୁସାରେ ଏପ୍ରିଲ ୧୫ରୁ ଜୁନ ୧୫ ପର୍ଯ୍ୟନ୍ତ ଜନଗହଳି ସ୍ଥାନଗୁଡିକରେ ପ୍ରତ୍ୟେକ ପଞ୍ଚାୟତ ଜଳଛତ୍ର ଖୋଲିବା ସହ ପ୍ରତିଦିନ ଜଳଛତ୍ର ନିମନ୍ତେ ୧୮୬ ଟଙ୍କା ଖର୍ଚ୍ଚ କରିପାରିବେ । ମାର୍ଶାଘାଇ ବ୍ଲକ ତରଫରୁ ଗତ ମାର୍ଚ୍ଚ ୩୦ ତାରିଖରେ ପ୍ରତି ପଞ୍ଚାୟତକୁ ଚିଠି କରାଯାଇଛି । ମାତ୍ର ଜଳଛତ୍ର ଖୋଲା ନ ଯାଇ ସରକାରୀ ଟଙ୍କାକୁ ପଞ୍ଚାୟତ କର୍ମଚାରୀମାନେ ହରିଲୁଟ କରିବା ଫଳରେ ପଥଚାରୀମାନେ ହନ୍ତସନ୍ତ ହେବା ସାର ହେଉଛି । ବଜାରର ବ୍ୟବସାୟୀମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି ଯେ, ଯେଉଁ କର୍ମଚାରୀମାନେ ଏ ନେଇ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମେ ୨୩/୨୦୧୯ Bhubaneswar, Thursday, May 23/2019

## ସଂକ୍ଷେପରେ

### ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀ ମୃତ

**ଝୁମ୍ପୁରା, ୨୨।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ କାଶିପାଳ ଗ୍ରାମରେ ବୁଧବାର ସକାଳ ସମୟରେ ମଦ କାରବାରରୁ ବଚସାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ସ୍ୱାମୀ ଅମରେଶ ମହାକୁଡ ଉତକ୍ଷିପ୍ତ ହୋଇ ମାଡମାରି ତାଙ୍କ ସ୍ତ୍ରୀ ସବିତା (୪୦ବର୍ଷ)ଙ୍କୁ ଲହୁଲୁହାଣ କରିଦେଇଥିଲେ। ମାଡ ଖାଇ ସ୍ତ୍ରୀ ବେହୋସ ହୋଇଯିବା ପରେ ସ୍ୱାମୀ ଅମରେଶ ଓ ତାଙ୍କ ପରିବାରର ସଦସ୍ୟମାନେ ସବିତାଙ୍କୁ ଝୁମ୍ପୁରା ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତରଖାନା ପହଞ୍ଚିବା ବେଳକୁ ସବିତାଙ୍କ ମୃତ୍ୟୁ ହୋଇ ସାରିଥିଲା। ଡାକ୍ତରଙ୍କର ସୂଚନା ଅନୁଯାୟୀ ଝୁମ୍ପୁରା ପୋଲିସ ଡାକ୍ତରଖାନା ଆସି ମୃତଦେହ ଜବତ କରିବା ସହ ଅମରେଶଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସ୍ତ୍ରୀଙ୍କୁ ମାଡ ମାରିଥିବା ଅମରେଶ ପୋଲିସ ଆଗରେ ସ୍ୱୀକାର କରିଛି। ଥାନାର ତଦନ୍ତ ଅଫିସର ଏଫ ଟିଗା କେଶର ଦାୟୀତ୍ୱ ନେଇ ତଦନ୍ତ ଜାରି ରଖିଛନ୍ତି।

### ନାବାଳିକାଙ୍କ ଆକସ୍ମିକ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଯୋଡ଼ା,୨୨।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରର ବନେଇକଳା ଠାରେ ଜଣେ ନାବାଳିକାଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂତ୍ରରୁ ଜଣାପଡ଼ିଛି ଯେ, ବନେଇକଳା ବସ୍ତିରେ ରହୁଥିବା କିଶୋରଚନ୍ଦ୍ର ପାତ୍ରଙ୍କ ୧୩ବର୍ଷର ନାବାଳିକା ଝିଅ ମୋନାଲିସା ପାତ୍ର ବୁଧବାର ସକାଳ ସମୟରେ ଦାନ୍ତ ଘଷୁଥିବା ବେଳେ ହଠାତ୍ ରକ୍ତବାନ୍ତି କରି ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡ଼ା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦୧୯) ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ନାବାଳିକା ମୋନାଲିସା କାଳିଆବେଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ତାଙ୍କର ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ମୋନାଲିସା ପୂର୍ବରୁ ଅସୁସ୍ଥ ଥିବା ତାଙ୍କ ବାପା କିଶୋର ଚନ୍ଦ୍ର ପାତ୍ର କହିଛନ୍ତି।

■ ବାତ୍ୟା ପ୍ରଭାବିତ ଗୋରୁଙ୍କୁ ମିଳିନି ଗୋଖାଦ୍ୟ

# ହଡ଼ପ କରାଯାଇଥିବା ଅଭିଯୋଗ

**ଚଣ୍ଡିଖୋଲ,୨୨।୫(ଡି.ଏନ.ଏ.)**

ବାତ୍ୟା ପରେ ପ୍ରଥମେ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବାତ୍ୟାର ମାତ୍ର ୫ ଦିନ ମଧ୍ୟରେ ଅର୍ଥାତ ଗତ ୯ ତାରିଖରେ ବଡ଼ଚଣା ପ୍ରାଣୀ ଚିକିତ୍ସା ବିଭାଗର ମୁଖ୍ୟ ଡାକ୍ତର ସରୋଜ କୁମାର ମଲ୍ଲିକ ବାତ୍ୟା ପ୍ରଭାବରେ ୧୪,୯୮୬ଟି କୁକୁଡ଼ା, ୪ ଗାଈ ଓ ୨ ଛେଳିଙ୍କର ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଇଥିଲେ। ବଡ଼ଚଣା ବ୍ଲକ ଅଞ୍ଚଳକୁ ୪୨ ମେଟ୍ରିକ ଟନ ଗୋଖାଦ୍ୟ ଆସିଥିବା ସୂଚନା ଦେଇଥିଲେ। ୧୫ ଦିନ ବିତିଯାଇଥିଲେ ମଧ୍ୟ ଗୋଖାଦ୍ୟ ବଣ୍ଟନ କରାଯାଇନାହିଁ। ପଶୁଙ୍କ ନିମନ୍ତେ ଆସିଥିବା ଗୋଖାଦ୍ୟକୁ ହଡ଼ପ କରିଥିବା ନେଇ ବାତ୍ୟା ପୀଡ଼ିତମାନେ ଅଭିଯୋଗ କରିଛନ୍ତି। ସରକାରୀ ହିସାବରୁ ଜଣାପଡ଼ିଛି ଯେ, ବଡ଼ଚଣାସ୍ଥିତ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ଥିବା ଅଞ୍ଚଳକୁ ୩୧୦ ବସ୍ତା, ଛତିଆ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ୨୫୮ ବସ୍ତା ଓ ଗୋପାଳପୁର ପ୍ରାଣୀ ଚିକିତ୍ସାକେନ୍ଦ୍ର ଅଧୀନ ଅଞ୍ଚଳକୁ ୨୭୨ ବସ୍ତା ଗୋଖାଦ୍ୟ ଆସିଥିଲା। ତେବେ ଏହି ଗୋଖାଦ୍ୟ ବଡ଼ଚଣାର ୪୩ ପଞ୍ଚାୟତରେ ବଣ୍ଟନ ହେବାର ନିୟମ ଥିଲାବେଳେ କେତେକ ସ୍ଥାନରେ ଶାସକ ଦଳର କର୍ମୀ ଏହାକୁ ହଡ଼ପ କରିଥିବା ନେଇ ଅଭିଯୋଗ ଆସିଛି। ଅଦ୍ୟାବଧି ୪୩ ପଞ୍ଚାୟତ ମଧ୍ୟରୁ ୨୩ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଗୋଖାଦ୍ୟ ବଣ୍ଟନ କରାଯାଇ ନ ଥିବା ଜଣାପଡ଼ିଛି। ଏହି ବ୍ଲକ ଅନ୍ତର୍ଗତ ସମିଆ, ଶାଳପଡ଼ା, ସିହା, ପତରାଜପୁର, ବଡ଼ବାଲିକୁଦା, ବରପଦା, ନଳୀପୁର ଆଦି କେତେକ ପଞ୍ଚାୟତରେ ଗୋଖାଦ୍ୟ ମିଳି ନ ଥିବା ଅଭିଯୋଗ ହୋଇଛି। ଦୀର୍ଘ ୧୫ ଦିନ ହେବ ଗୋଖାଦ୍ୟ ଆସିଥିଲେ ମଧ୍ୟ ଏହାକୁ ଅଦ୍ୟାବଧି କାହିଁକି ବଣ୍ଟନ କରାଯାଇନାହିଁ, ସେନେଇ ଜନସାଧାରଣଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ମୁଖ୍ୟ ଡାକ୍ତର ସରୋଜ କୁମାର ମଲ୍ଲିକଙ୍କୁ ପଚାରିବାରୁ, ପ୍ରତ୍ୟେକ ପଞ୍ଚାୟତକୁ ଗୋଖାଦ୍ୟ ଦିଆଯାଇଛି। ସେଠାରେ ସରପଞ୍ଚମାନେ ୱାର୍ଡମେମ୍ବରଙ୍କ ଜରିଆରେ ବଣ୍ଟନ କରିଛନ୍ତି। ସେମାନଙ୍କ ଅଧୀନରେ ଥିବା ପଶୁ ନିରୀକ୍ଷକ ସରପଞ୍ଚଙ୍କ ଜରିଆରେ ଗୋଖାଦ୍ୟ ବଣ୍ଟନ କରିଥିବା ଖବର ମିଳିଛି। ତେବେ ଏ ସମ୍ପର୍କରେ ସେଭଳି କୌଣସି ଲିଖିତ ଅଭିଯୋଗ ଆସି ନ ଥିବା କହିଛନ୍ତି।

## ବିରଜା ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ

**ଯାଜପୁର ଟାଉନ,୨୨।୫(ଡି.ଏନ.ଏ.)**

ଯାଜପୁର ସହରରେ ଥିବା ବିରଜା ମାର୍କେଟ କମ୍ପ୍ଲେକ୍ସରେ ବୁଧବାର ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ମାତ୍ର ଏହି ଅଗ୍ନିକାଣ୍ଡରୁ ଲୋକଙ୍କ ସହ ମଲ, ନର୍ସିଂହୋମ ଓ ବହୁ ସଂଖ୍ୟକ ବ୍ୟବସାୟ ପ୍ରତିଷ୍ଠାନ ଅଳ୍ପକେ ବର୍ତ୍ତିଯାଇଛି। ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ମହଲାରେ ଥିବା ଗ୍ରାଣ୍ଡ ବଜାର ମଲର ସୁଇଚ ବୋର୍ଡରେ ହଠାତ୍ ବିସ୍ଫୋରଣ ଘଟି କମ୍ପ୍ଲେକ୍ସ ପରିସର ଧୂଆଁରେ ଭର୍ତ୍ତି ହୋଇଯାଇଥିଲା। ଏଥିସହ ଏହାର ସଂଲଗ୍ନ ଏକ ନର୍ସିଂହୋମରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଥିଲା। ମଲ୍, ପଲି କ୍ଲିନିକ ଓ ନର୍ସିଂହୋମରେ ଥିବା ରୋଗୀ, ଡାକ୍ତର, କର୍ମଚାରୀ ଓ ଅନ୍ୟମାନେ ଜୀବନ ବିକଳରେ ବାହାରକୁ ଚାଲିଆସିଥିଲେ।

**ଅଳ୍ପକେ ବର୍ତ୍ତିଲେ ଲୋକେ**

୩ ପ୍ରତିଷ୍ଠାନର ୱେୟାରିଂ ଓ କଣ୍ଟ୍ରୋଲିଂ ଗୋଟିଏ ସ୍ଥାନରେ ରହିଥିବାରୁ ଶର୍ଟସର୍କିଟ ହୋଇ ଏଭଳି ବିପଦ ଆସିଥିବା ଜଣାପଡ଼ିଛି। ଏହି ମାର୍କେଟ କମ୍ପ୍ଲେକ୍ସରେ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଅଗ୍ନିକାଣ୍ଡ ଘଟିବା ମାତ୍ରେ ପଲି କ୍ଲିନିକ ଓ ନର୍ସିଂହୋମରେ ରହିଥିବା ଅଗ୍ନି ନିର୍ବାପକ ସାମଗ୍ରୀ ବ୍ୟବହାର କରି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ନିକଟସ୍ଥ ଅଗ୍ନିଶମ ସଂସ୍ଥାର ଅଧିକାରୀ, କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିକଟରେ ଥିବା ବିଦ୍ୟୁତ୍ ବିଭାଗକୁ ଖବର ଦେବା ମାତ୍ରେ ସେମାନେ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ।

# ଭୋଟ ଗଣତି ପାଇଁ ପ୍ରଶିକ୍ଷଣ


ଶିବିରରେ ଉପସ୍ଥିତ ଅଧିକାରୀ।

**ଯାଜପୁର ଅଫିସ,୨୨।୫**

ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଭୋଟ ଗଣତି ପାଇଁ ମାଇକ୍ରୋ ଅବଜରଭରଙ୍କର ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦାସ କହିଥିଲେ ଯେ, ଭୋଟ ଗଣତିରେ ସର୍ବଦା ସତର୍କତା ଅବଲମ୍ବନ ଜରୁରୀ। ପ୍ରାର୍ଥୀ ବା ସେମାନଙ୍କ ଏଜେଣ୍ଟଙ୍କ ସମ୍ମୁଖରେ କାଉଣ୍ଟିଂ ସୁପରଭାଇଜର ଓ କାଉଣ୍ଟିଂ ସହାୟକ ଏହାକୁ ଗଣନା କରିବେ। ତେଣୁ ପ୍ରତ୍ୟେକ ମେଶିନର ନମ୍ବର ଇତ୍ୟାଦି ଏଜେଣ୍ଟକୁ ଜଣାଇବା ସହ ସେମାନଙ୍କ ବିଶ୍ୱାସଭାଜନ ହେବାକୁ ସେ ପରାମର୍ଶ ଦେଇଥିଲେ। କୌଣସିଠାରେ ସମସ୍ୟା ଉପୁଜିଲେ ତୁରନ୍ତ ରିଟର୍ନିଂ ଅଫିସର, ଅବଜରଭରଙ୍କ ସହାୟତା ନେବାକୁ କହିଥିଲେ। ଏଥିସହ ଏହି ଗଣନା ଏକ ଦୀର୍ଘ ସମୟ ଧରି ଚାଲିବାକୁ ଥିବା କାର୍ଯ୍ୟ ହୋଇଥିବାରୁ ଧୈର୍ଯ୍ୟର ସହ ପରିଚାଳନା ପାଇଁ ଅନୁରୋଧ କରିଥିଲେ। ଉପସ୍ଥିତ ପର୍ଯ୍ୟବେକ୍ଷକମାନେ ମାଇକ୍ରୋ ଅବଜରଭର ଓ ଗଣତି ସୁପରଭାଇଜରଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ସହ ଭୋଟର ସଂଖ୍ୟାଗୁଡ଼ିକୁ ନିର୍ଦ୍ଧାରିତ ଫର୍ମରେ ସ୍ପଷ୍ଟ ଓ ଠିକ ଭାବେ ଉଲ୍ଲେଖ କରିବାକୁ ପରାମର୍ଶ ଦେଇଥିଲେ। ଏହି ମାଇକ୍ରୋ ଅବଜରଭର ଓ କାଉଣ୍ଟିଂ ଅଧିକାରୀ କର୍ମଚାରୀ କେଉଁ ଟେବୁଲର ଗଣନା କରିବେ ତାହା ଭୋଟ ଗଣତି ଦିନ ସକାଳ ସାଢେ ୫ଟାରେ କମ୍ପ୍ୟୁଟର ର୍ୟାଣ୍ଡମାଇଜେଶନ ମାଧ୍ୟମରେ ସ୍ଥିର ହେବ। ତେଣୁ ଗଣନାରେ ନିୟୋଜିତ ପ୍ରତ୍ୟେକ ଅଧିକାରୀ, କର୍ମଚାରୀ ଓ ମାଇକ୍ରୋ ଅବଜରଭରମାନେ ସକାଳ ୬ଟା ସୁଦ୍ଧା ଗଣତି କେନ୍ଦ୍ର ଅର୍ଥାତ ଏନସି କଲେଜର ବାଣିଜ୍ୟ ଭବନରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟବେକ୍ଷକ ସତର୍କ କରାଇ ଦେଇଛନ୍ତି। ସେହିପରି କୌଣସି ବ୍ୟକ୍ତି ଗଣତି କେନ୍ଦ୍ରକୁ ମୋବାଇଲ, ଲାପଟପ, କ୍ୟାମେରା ଇତ୍ୟାଦି ନ ଆଣିବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଗଣତି ସୁପରଭାଇଜର ଓ ସହକାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ନିତେଶ ପାଟିଲ, ଦିଲୀପ କୁମାର, ପ୍ରଭା ଶ୍ରୀବାସ୍ତବ, ଶାଳିନୀ ଶ୍ରୀବାସ୍ତବ, ମଧୁବାଳ ନହର, ଶ୍ୱେତା ପନୱାର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ବାଳକଙ୍କ ମୃତ୍ୟୁ

**ଖଇରା,୨୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅଚ୍ୟୁତପୁର ଗାଁ ପୋଖରୀରେ ବୁଧବାର ପୂର୍ବାହ୍ନରେ ବୁଡ଼ିଯାଇ ୯ବର୍ଷର ବାଳକ ଓମ୍ ପ୍ରକାଶ ସାହୁ ପ୍ରାଣ ହରାଇଛନ୍ତି। ଓମ ଟ୍ୟୁଶନ୍‌ରୁ ଫେରିବା ବାଟରେ ପଡୁଥିବା ପୋଖରୀକୁ ଗାଧୋଇବାକୁ ଚାଲି ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଘର ଲୋକେ ଖବରପାଇ ତାଙ୍କୁ ଉଦ୍ଧାର କରିବା ବେଳକୁ ସବୁକିଛି ଶେଷ ହୋଇ ଯାଇଥିଲା। ଏ ସଂକ୍ରାନ୍ତରେ ଖଇରା ଥାନାପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୯) ରୁଜୁକରିତଦନ୍ତକରୁଛି।

### ନିର୍ଯାତିତା ନାବାଳିକା ଉଦ୍ଧାର

**ସୋର,୨୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର କମରପୁର ଅଞ୍ଚଳର ଏକ ରାଇସ୍ ମିଲ୍ ପରିସରରେ ଘରୋଇ କାମରେ ନିୟୋଜିତ ଥିବା ଜଣେ ନାବାଳିକାଙ୍କୁ ଘର ମାଲିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଚାଇଲଡ୍ ଲାଇନ୍ କର୍ତ୍ତୃପକ୍ଷ ଓ ପୋଲିସ ଅଭିଯୋଗ ପାଇବା ପରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ନାବାଳିକାଙ୍କ ଘର କେଉଁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଓଲଗାଁ ଅଞ୍ଚଳରେ ବୋଲି ଜଣାପଡିଛି।

## ବ୍ରାଉନ୍ ସୁଗାର ଜବତ: ଜଣେ କୋର୍ଟ ଚାଲାଣ

**ଯାଜପୁର ରୋଡ୍,୨୨।୫(ଡି.ଏନ୍.ଏ.)**

ଯାଜପୁର ରୋଡ ଥାନା ସପଗଡିଆ ଅଞ୍ଚଳରୁ ବୁଧବାର ପୋଲିସ ବ୍ରାଉନ ସୁଗାର କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସପଗଡ଼ିଆ ଗ୍ରାମର ପାପି ପାତ୍ର(୩୪)। ପୋଲିସ ତାଙ୍କଠାରୁ ୩ ଗ୍ରାମ ବ୍ରାଉନ୍‌ସୁଗାର, ୩ ମୋବାଇଲ ଫୋନ୍ ସହ ୧୩ ଶହ ଟଙ୍କା ଜବତ କରିଛି। ପ୍ରକାଶ ଯେ, ସପଗଡିଆ ଗ୍ରାମରେ ବ୍ରାଉନସୁଗାର କାରବାର ହେଉଥିବା ଏକ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ସଦଳବଳ ଚଢାଉ କରିଥିଲେ।

## ସ୍କୁଟି ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ଲୁଟ୍

**ଦଶରଥପୁର,୨୨।୫(ଡି.ଏନ୍.ଏ.)**

ମଙ୍ଗଳପୁର ବଜାରସ୍ଥିତ ଏକ ମେଡିସିନ୍ ଷ୍ଟୋର ସମ୍ମୁଖରୁ ବୁଧବାର ମଧ୍ୟାହ୍ନରେ ଜଣେ ଯୁବକଙ୍କ ସ୍କୁଟି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧ ଲକ୍ଷ ଟଙ୍କା ଲୁଟ୍ କରିଥିବା ଜଣାପଡ଼ିଛି। ଏ ନେଇ ଦଶରଥପୁର ବ୍ଲକ୍ ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମର ରବୀନ୍ଦ୍ର ପଣ୍ଡା ସ୍ଥାନୀୟ ବ୍ୟବସାୟୀଙ୍କ ସହ ଯାଇ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳପୁର ଥାନାଧିକାରୀ ଅସିତ୍ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଏସ୍‌କେ ସିଂ ଘଟଣାସ୍ଥଳରେ ପହଞ୍ଚି ମେଡିସିନ୍ ଷ୍ଟୋରର ସିସିଟିଭି ଫୁଟେଜ୍ ଦେଖି ଖୁବ୍‌ଶିଘ୍ର ଚୋରଙ୍କୁ ଧରାହେବ ବୋଲି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୪ ତାରିଖରେ ଉକ୍ତ ଗ୍ରାମର ଲୋକନାଥ ପଣ୍ଡାଙ୍କ ଝିଅ ବାହାଘର। ଏ ନେଇ ସ୍ତ୍ରୀ ବାସନ୍ତୀଲତା ଏବଂ ପୁଅ ରବୀନ୍ଦ୍ର ମଙ୍ଗଳପୁର ବଜାରସ୍ଥିତ ଆହ୍ଲାହାବାଦ ବ୍ୟାଙ୍କକୁ ଟଙ୍କା ଉଠାଣ କରିବାକୁ ଆସିଥିଲେ। ଟଙ୍କା ଉଠାଇବା ପରେ ରବୀନ୍ଦ୍ର ସ୍କୁଟି ଡିକିରେ ରଖି ମଙ୍ଗଳପୁର ବଜାରର ଚନ୍ଦ୍ରିକା ମେଡିସିନ୍ ଷ୍ଟୋରକୁ ଭଉଣୀ ବାହାଘର କାର୍ଡ ଦେବାକୁ ଯାଇଥିଲେ। ପୂର୍ବରୁ ଅନୁସରଣ କରୁଥିବା କେହି ଦୁର୍ବୃତ୍ତ ଏହି ସମୟ ମଧ୍ୟରେ ସ୍କୁଟି ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଅପରପକ୍ଷେ ରବୀନ୍ଦ୍ରଙ୍କ ସ୍କୁଟିରୁ ଟଙ୍କା ଚୋରି ହୋଇଥିବା ଦୃଶ୍ୟ ମେଡିସିନ୍ ଷ୍ଟୋରର ସିସି କ୍ୟାମେରାରେ କଏଦ ହୋଇଥିବା ମଙ୍ଗଳପୁର ଥାନା ପକ୍ଷରୁ ସୂଚନା ମିଳିଛି। ଦୁର୍ବୃତ୍ତ ଜଣକ ଦିବ୍ୟାଙ୍ଗ ଯୁବକ ହୋଇଥିବା ସିସି କ୍ୟାମେରାରୁ ସ୍ପଷ୍ଟ ହୋଇଛି। ତେବେ ସିସି କ୍ୟାମେରାରୁ ମିଳିଥିବା ତଥ୍ୟର ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲେ ଏହି ଲୁଟ୍‌ରେ ୪ ଜଣ ଯୁବକ ସାମିଲ ଥିବା ଜଣାପଡ଼ିଛି।

# ଜଗତ୍‌ସିଂହପୁରରେ ସମଲିଙ୍ଗୀ ସମ୍ପର୍କ ଚର୍ଚ୍ଚା

**ଜଗତ୍‌ସିଂହପୁର ଅଫିସ,୨୨।୫**

■ ବାନ୍ଧବୀଙ୍କୁ ଦେଖା କରିବାକୁ ଯାଇ ଗଛରେ ବନ୍ଧାହେଲେ

■ ଉଦ୍ଧାର କଲା ପୋଲିସ, ମାମଲା ରୁଜୁ

ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ସମଲିଙ୍ଗୀ ସମ୍ପର୍କରେ ଥିବା ଗଣମାଧ୍ୟମରେ ପ୍ରକାଶ ପାଇବାପରେ ସାରା ବିଶ୍ୱରେ ଚର୍ଚ୍ଚା ଲାଗି ରହିଛି। ଏହି ଘଟଣା ସବୁଆଡ଼େ ଆଲୋଚନା ଚାଲିଥିବାବେଳେ ଜଗତ୍‌ସିଂହପୁର ଚାନ୍ଦୋଳରେ ମଧ୍ୟ ଅନୁରୂପ ଏକ ସମଲିଙ୍ଗୀ ସମ୍ପର୍କ ଜଣାପଡ଼ିଛି। ବୁଧବାର ସକାଳେ ଜଣେ ଯୁବତୀ ମିନାକ୍ଷୀ(ଛଦ୍ମନାମ) ଅନ୍ୟ ଜଣେ ଯୁବତୀ ସାଗରିକା(ଛଦ୍ମନାମ)ଙ୍କୁ ଦେଖା କରିବାକୁ ତାଙ୍କ ଘରକୁ ଯାଇଥିବା ବେଳେ ଗଛରେ ବନ୍ଧା ହୋଇ ହଟହଟା ହୋଇଛନ୍ତି। ସୌଭାଗ୍ୟବଶତଃ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମିନାକ୍ଷୀଙ୍କୁ ଉଦ୍ଧାର କରିଛି। ମିନାକ୍ଷୀଙ୍କ ଅଭିଯୋଗ ଉପରେ ଜଗତ୍‌ସିଂହପୁର ପୋଲିସ ଦଫା ୩୪୨/୩୨୩/୩୫୪(ଏ)/୫୦୬/୩୪ ଆଇପିସିରେ ମାମଲା (୧୭୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁସାରେ, ମିନାକ୍ଷୀ ଭୋର ୫ଟା ବେଳେ ଏହି ଗ୍ରାମର ସାଗରିକାଙ୍କୁ ଦେଖା କରିବାକୁ ଯାଇଥିଲେ। କିନ୍ତୁ ସାଗରିକାଙ୍କ ପରିବାର ପକ୍ଷରୁ ତାଙ୍କୁ ଦେଖା କରିବାକୁ ସୁଯୋଗ ଦିଆଯାଇ ନ ଥିଲା। ବରଂ ନିର୍ଯାତନା ଦିଆଯାଇଥିଲା। ଏପରି କି ତାଙ୍କୁ ଗଛରେ ବାନ୍ଧି ମାଡ ମରାଯାଇଥିଲା। ଏଥିସହ ମିନାକ୍ଷୀଙ୍କ ମା, ବାପା ଓ ଭଉଣୀଙ୍କୁ ହତ୍ୟା କରାଯିବାର ଚେତାବନୀ ଦିଆଯାଇଥିଲା। ତେବେ ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ରଙ୍କ କହିବା ହେଲା ଗତ ୧୫ ତାରିଖରେ ସାଗରିକାଙ୍କ ପରିବାର ପକ୍ଷରୁ ମିନାକ୍ଷୀଙ୍କ ନାମରେ ଥାନାରେ ଏକ ଅଭିଯୋଗ ହୋଇଥିଲା। ସାଗରିକାଙ୍କୁ ମିନାକ୍ଷୀ ଅନ୍ୟତ୍ର ନେଇ ଖରାପ କାମରେ ଲଗାଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଥାନାରୁ ନୋଟିସ ପାଇ ଉଭୟ ମିନାକ୍ଷୀ ଓ ସାଗରିକା ପୋଲିସ ନିକଟରେ ପହଞ୍ଚିଥିଲେ। ଉଭୟ ପରସ୍ପର ଭଲ ପାଆନ୍ତି ଏବଂ କେହି କାହା ବିନା ରହିପାରିବେ ନାହିଁ ବୋଲି କହିଥିଲେ। ତେବେ ଉଭୟଙ୍କୁ ବୁଝାଶୁଝା କରାଯିବା ପରେ ପରସ୍ପର ଅଲଗା ହୋଇଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ମେ ,୨୦୧୯



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
- ମନୋଜ ଦାସ



## ସଂକ୍ଷେପରେ

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଧର୍ମଶାଳା,୨୨।୫(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମର ଜଣେ ମହିଳା ବୁଧବାର ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଢେଙ୍କାନାଳ ଜିଲା ଧବଳେଶ୍ୱର ପଞ୍ଚାୟତ ଢିହସାହି ଗ୍ରାମର ନିରଞ୍ଜନ କଅଁରଙ୍କ ଝିଅ ପ୍ରଭାତୀ ସାହାଣୀ(୩୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (୬/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ପାରିବାରିକ କାରଣରୁ ପ୍ରଭାତୀ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୨୦୧୨ ଜୁନ୍‌ରେ ପ୍ରଭାତୀ ସୁଭଦ୍ରାପୁର ଗ୍ରାମର ପାର୍ବତୀ ଚନ୍ଦ୍ର ସାହାଣୀଙ୍କୁ ବିବାହ କରିଥିଲେ। କିଛିଦିନ ହେବ ପାରିବାରିକ କଳହ ଲାଗି ରହିଥିଲା। ଏହାକୁ ନେଇ ପ୍ରଭାତୀ ଅପରାହ୍ନ ୧ଟା ସମୟରେ ଘରେ ରଶି ଲଗାଇ ଦେଇଥିବା ପରିବାର ଲୋକେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

### ହୃଦ୍‌ଘାତରେ ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,୨୨।୫(ଡି.ଏନ.ଏ.)– ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନସିମ ଖାଁ(୬୫)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ଘର ନଳୀପୁର ପଞ୍ଚାୟତର ପଠାନ ମହଲାରେ। ସ୍ୱର୍ଗତ ନସିମଙ୍କୁ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁରେ ଚାରିନଙ୍ଗଳ ଓ ନଳୀପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

### ପାଗଳା କୁକୁର କାମୁଡ଼ାରେ ୩ ଆହତ

ଚଣ୍ଡିଖୋଲ,୨୨।୫(ଡି.ଏନ.ଏ.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ପଞ୍ଚାୟତ ଅଧୀନ ନିଶିମଳା ଗ୍ରାମରେ ମଙ୍ଗଳବାର ଏକ ପାଗଳା କୁକୁର କାମୁଡ଼ାରେ ୩ ଜଣ ଆହତ ହେବା ସହ ବହୁ ଗୃହପାଳିତ ପଶୁ ମଧ୍ୟ ଶିକାର ହୋଇଛନ୍ତି। ଆହତମାନେ ହେଲେ ତିଲୋତ୍ତମା ଜେନା, ସୁକନ୍ୟା ଜେନା ଓ ପୁନା ଜେନା। ସେମାନେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ଏକ ପାଗଳା କୁକୁର ନିଶିମଳା ଗ୍ରାମରେ ମାତି ତିଲୋତ୍ତମା, ସୁକନ୍ୟା ଓ ପୁନାଙ୍କୁ କାମୁଡ଼ି ଦେଇଥିଲା। ଏଥିସହ ଉକ୍ତ ଗ୍ରାମର ୨ଟି ଗାଈ, ଗୋଟିଏ ବାଛୁରୀ ଓ ଛେଳିକୁ କାମୁଡ଼ି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ବିଦ୍ୟୁତ୍ କାଟ୍, ଲୋ ଭୋଲ୍‌ଟେଜ୍‌ରେ ଲୋକେ ଅତିଷ୍ଠ

ଧର୍ମଶାଳା,୨୨।୫(ଡି.ଏନ୍.ଏ.)- ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଲୋକେ ଆଉଟୁପାଉଟୁ ହେଉଥିବାବେଳେ ଅଘୋଷିତ ବିଦ୍ୟୁତକାଟ୍ ସାଙ୍ଗକୁ ଲୋ ଭୋଲ୍‌ଟେଜ୍ ଯୋଗୁ ଧର୍ମଶାଳା ଅଞ୍ଚଳରେ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ୪୦ଡିଗ୍ରୀ ଉପରେ ରହୁଛି। ଫଳରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି। ଏଭଳି ଅବସ୍ଥାରେ ଲୋଭୋଲଟେଜ ଓ ଘଣ୍ଟାଘଣ୍ଟା ବିଦ୍ୟୁତ୍ କାଟ ଯୋଗୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଗ୍ରୀଷ୍ମପ୍ରବାହ ଯୋଗୁ ବିଦ୍ୟୁତ୍ କାଟ୍ କରାଯିବ ନାହିଁ ବୋଲି ଘୋଷଣା କରିଛନ୍ତି। ଏହି ଘୋଷଣା କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜାରକା ବିଦ୍ୟୁତ୍ ଉପଖଣ୍ଡ ମଣ୍ଡଳର ସହକାରୀ ଯନ୍ତ୍ରୀ ସୁମନ୍ତ ଦାସଙ୍କୁ ପଚାରିବାରୁ, କମ୍ ପାୱାର ସପ୍ଲାଏ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି କହିଛନ୍ତି।

### ହତ୍ୟା ଧମକ ଦେଇ ଯୁବକ ଗିରଫ

**ଢେଙ୍କିକୋଟ, ୨୨।୫(ଡି.ଏନ୍.ଏ.):** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପଇଦାପାଟଣା ଗ୍ରାମ ପଞ୍ଚାୟତ ନୁସୁରିପଶି ଗ୍ରାମର ଦୀପକ ନାମକ ଜଣେ ଯୁବକ ଗ୍ରାମର ସଚ୍ଚିଦାନନ୍ଦଙ୍କ ବାଇକ ଭାଙ୍ଗିବା ସହ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ବୁଧବାର ସଦଳବଳେ ଦୀପକଙ୍କ ଘର ଉପରେ ଚଢ଼ାଉ କରି ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ-୫୧/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ■କୁମ୍ଭକାରଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ

# ଅଲୋଡ଼ା ହୋଇଛି କୌଳିକ ବୃତ୍ତି

ରତ୍ନଗିରି,୨୨।୫(ଡି.ଏନ.ଏ.)



■ ବୃଦ୍ଧିପାଉଛି ମାଟିପାତ୍ରର ଚାହିଦା
■ ଦାଦନ ଖଟିବାକୁ ଯାଉଛନ୍ତି ଅନେକ କୁମ୍ଭକାର
■ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ନିବେଦନ

ଦିନକୁ ଦିନ ମାଟି ପାତ୍ରର ଚାହିଦା ବୃଦ୍ଧିପାଉଛି। ଏବେ ପ୍ରବଳ ଗୀଷ୍ମପ୍ରବାହ ଯୋଗୁ ଥଣ୍ଡା ପାନୀୟଜଳ ପାଇଁ ସବୁ ସ୍ଥାନରେ ବିଶେଷକରି ଗାଁ ଗହଳିରେ ମାଠିଆ ଓ ସୁରେଇର ଚାହିଦା ରହିଛି। ଗ୍ରୀଷ୍ମ ଋତୁରେ ଏହାର ଚାହିଦା ଆଶାନୁରୂପ ବୃଦ୍ଧି ପାଇଥାଏ। ମାତ୍ର ଉପକରଣ ତିଆରି କ୍ଷେତ୍ରରେ କୁମ୍ଭକାରଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ଆଗାମୀ ଦିନରେ କୌଳିକ ବୃତ୍ତି ବୁଡିଯିବାର ଆଶଙ୍କା ରହିଛି। ଜୀବିକା ନିର୍ବାହ କରୁଥିବା କୁମ୍ଭକାର ପରିବାରଙ୍କ ଆର୍ଥିକ ଅବସ୍ଥା ସୁଧୁରୁ ନ ଥିବାରୁ ସେମାନେ କୌଳିକ ବୃତ୍ତିରୁ ମୁହଁ ଫେରାଉଥିବା ସହ ଏହା ସେମାନଙ୍କ ପାଇଁ ଅଲୋଡ଼ା ହୋଇଥିବା ଜଣାପଡ଼ିଛି। ବଂଶାନୁକ୍ରମିକ ଭାବେ ନିଜର କୌଳିକ ବୃତ୍ତିକୁ ଆପଣାଇ ନେଇ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସାହାରା ସାଜିଥିବା ଏହି କୁମ୍ଭକାର ପରିବାର ଆବଶ୍ୟକ ସ୍ଥଳେ ଲୋକଙ୍କ ନିକଟତର ହୋଇଥାନ୍ତି। ସୂଚନାଯୋଗ୍ୟ ବରୀ ବ୍ଲକର ଅଲଳିପୁର, ଧାରପୁର, ଅନ୍ୟାସିପୁର, ବାଲିଆ, ବାଇଁଶିରିଆ, ଗହପାଳ, ବନ୍ଧପଡା, ବରୀ, ଉଦୟନାଥପୁର, ନେଉଳା, ତଳକାଇପଡା ଆଦି ଗ୍ରାମରେ ଶହଶହ କୁମ୍ଭକାର ପରିବାର ବସବାସ କରୁଛନ୍ତି। ବଂଶାନୁକ୍ରମିକ ଭାବେ ପରିବାର ସଦସ୍ୟଙ୍କ ସହଯୋଗରେ ହାଣ୍ଡି, ମାଠିଆ, ସୁରେଇ, ଠେକି, ବଢା, କୁମ୍ପି, ମାଟିଦୀପ ତିଆରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ବିଶେଷକରି ଓଡ଼ିଆ ନବବର୍ଷରେ ହିନ୍ଦୁ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ କୁମ୍ଭକାରଙ୍କ ଦ୍ୱାରା ତିଆରି ଠେକିର ଚାହିଦା ଅଧିକ ରହିଥାଏ। ମାଟି ହାଣ୍ଡିର ଖାଦ୍ୟ ସ୍ୱାଦିଷ୍ଟ ହୋଇଥିବାରୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏହାର ଯଥେଷ୍ଟ ଚାହିଦା ରହିଛି। ଅପରପକ୍ଷରେ କୌଳିକ ବୃତ୍ତିକୁ ପେସା କରି ବଞ୍ଚିଥିବା ବିଭିନ୍ନ ଗ୍ରାମର ଲୋକେ ବାଉଁଶ ପାତିଆରେ ଶିରା, ଗଉଣି, ସେର, କୁଲା, ନାଳିଆ, ତଲେଇ ଓ ଖଲେଇ ତିଆରି କରି ଜୀବିକା ନିର୍ବାହ କରିଥାନ୍ତି। ବିବାହ ବ୍ରତ ସମୟରେ କୁଲା ଓ ନାଳିଆର ଆବଶ୍ୟକତା ରହିଛି। ମାତ୍ର ସରକାରୀ ପ୍ରୋତ୍ସାହନ ସତେ ଯେମିତି ଏମାନଙ୍କ ପାଇଁ ସାତସପନ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମଜୀବୀଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିବାବେଳେ ଏମାନଙ୍କ ଉପରେ ସରକାରଙ୍କ ନଜର ନ ପଡିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ସରକାରୀ ପ୍ରୋତ୍ସାହନ ନ ମିଳିବାରୁ ପରିବାରର ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଫଳରେ କୁମ୍ଭକାର ବାଧ୍ୟ ହୋଇ କୌଳିକ ବୃତ୍ତିକୁ ଅଣଦେଖା କରି ବାହାର ରାଜ୍ୟକୁ ଯାଇ ଦାଦନ ଶ୍ରମିକଭାବେ କାର୍ଯ୍ୟ କରୁଥିବା ଅନେକ ନଜିର ରହିଛି। ଆଗାମୀ ଦିନରେ ଲୋକଙ୍କ ଆବଶ୍ୟତାକୁ ଦୃଷ୍ଟିଦେଇ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଯୋଗଇ ଦିଆ ନ ଗଲେ ଏହା ଲୋପ ପାଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ସରକାର ଏଥିପ୍ରତି ଗୁରୁତ୍ୱ ଦେଇ କୁମ୍ଭକାର ପରିବାରଙ୍କୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରି କୌଳିକ ବୃତ୍ତିକୁ ରକ୍ଷା କରିବା କ୍ଷେତ୍ରରେ ପଦକ୍ଷେପ ନେବାର ଆବଶ୍ୟକତା ଅଛି ବୋଲି ବହୁ ଲୋକ ମତ ବ୍ୟକ୍ତ କରିଛନ୍ତି। କୁମ୍ଭକାର ଅନାମ ସେନାପତି କୁହନ୍ତି, ପ୍ରୋତ୍ସାହନ ଅଭାବରୁ କୌଳିକ ବୃତ୍ତି ବୁଡ଼ିଯିବାକୁ ବସିଲାଣି। ଏଥିପ୍ରତି ସରକାରଙ୍କ ନଜର ନାହିଁ।

## ଆଜି ପ୍ରକାଶ ପାଇବ ନିର୍ବାଚନ ଫଳାଫଳ ବିଭିନ୍ନ ଦଳ ପକ୍ଷରୁ ପୂଜାର୍ଚ୍ଚନା

ବରୀ,୨୨।୫(ସ୍ୱ.ପ୍ର.)

ନିର୍ବାଚନୀ ଫଳାଫଳ ଗୁରୁବାର ପ୍ରକାଶ ପାଇବାକୁ ଥିବାବେଳେ ଯାଜପୁର ଜିଲାର ୭ ବିଧାନସଭା ଓ ଯାଜପୁର ଲୋକ ସଭା ଆସନ ପାଇଁ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଭାଗ୍ୟ ଖୋଲିବ। ସେଥିପାଇଁ ବୁଧବାର ବିଭିନ୍ନ ଦଳ ପକ୍ଷରୁ ଜୋରଦାର ପୂଜାର୍ଚ୍ଚନା ଚାଲିଥିବା ଦେଖିବାକୁ ମିଳିଛି। ବିଶେଷକରି ବରୀ ବିଧାନସଭା ପାଇଁ ବିଜେଡି ସହ ଭାଜପାର କଡା ଟକ୍କର ହୋଇଛି। ଭାଜପା ସୋସିଆଲ ମିଡିଆରେ ଭଗବାନଙ୍କୁ ଡାକିବା ପାଇଁ କର୍ମୀଙ୍କୁ ସୂଚନା ଦେଇଥିବାବେଳେ ବିଜେଡି ସୋସିଆଲ ମିଡିଆରେ ମା' ବିରଜାଙ୍କର ଆଶୀର୍ବାଦ ବରୀ ପାଇଁ ରହିଛି। ଅହଙ୍କାରୀଙ୍କୁ ଦମନ ପାଇଁ ସ୍ୱୟଂ ମା' ଆଶୀର୍ବାଦ କରିବେ ବୋଲି ଚର୍ଚ୍ଚା ହେଉଛି। କେତେକ ମଠ ମନ୍ଦିରରେ ବୁଧବାର ସକାଳୁ କର୍ମୀ ଓ ସମର୍ଥକଙ୍କ ପୂଜାର୍ଚ୍ଚନା ଚାଲିଥିବାବେଳେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ, ଏ ନେଇ ଅପେକ୍ଷା କରିବାକୁ କୁହାଯାଇଛି।

## ■ ଧର୍ମଶାଳା ଡାକ୍ତରଖାନା ଭଙ୍ଗାରୁଜା ଘଟଣା

# ବିପର୍ଯ୍ୟସ୍ତ ହୋଇଛି ସ୍ୱାସ୍ଥ୍ୟସେବା

ଧର୍ମଶାଳା,୨୨।୫(ଡି.ଏନ୍.ଏ.)

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଭଙ୍ଗାରୁଜା ପରେ ସ୍ୱାସ୍ଥ୍ୟସେବା ଏକପ୍ରକାର ବାଧାପ୍ରାପ୍ତ ହୋଇଛି। ଡାକ୍ତରଖାନରେ ୩ ଜଣ ଡାକ୍ତର ନିଯୁକ୍ତି ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଉଚ୍ଚଶିକ୍ଷା ନିମିତ୍ତ ଅନ୍ୟତ୍ର ଯାଇଛନ୍ତି। ଅନ୍ୟ ୨ ଜଣ ଡାକ୍ତର ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। ଉତ୍ତେଜନା ପରେ ଭାରପ୍ରାପ୍ତ ଅଧିକାରୀ ଡା. ମାନସ ରଞ୍ଜନ ସ୍ୱାଇଁ ଡାକ୍ତରଖାନା ଛାଡି ପଳାଇଥିଲେ। ଏବେ କିଛିଦିନ ହେବ କାର୍ଯ୍ୟରେ ଯୋଗଦେଇଥିବା ଜଣାପଡିଛି। ଭଙ୍ଗାରୁଜା ଦିନ କୌଣସି ଡାକ୍ତର ଡାକ୍ତରଖାନାରେ ରହି ନ ଥିଲେ। ଫଳରେ ରୋଗୀସେବା ଠପ୍ ହୋଇଯାଇଥିଲା। ଯାଜପୁର ଜିଲାପାଳଙ୍କ ହସ୍ତକ୍ଷେପରେ ସିଡିଏମ୍‌ଓ ଡା. ସୁଧୀର କୁମାର ସାହୁ, ଦୀପକ ବେହେରା, ରଜତ କୁମାର କରଙ୍କୁ କିଛିଦିନ ଡାକ୍ତରଖାନାରେ ନିଯୁକ୍ତି କରିଥିଲେ। ଏବେ ଡାକ୍ତରଖାନାରେ ଡାକ୍ତର ଅଭାବରୁ ରୋଗୀସେବା ପ୍ରଭାବିତ ହୋଇଛି। ଅପରପକ୍ଷେ ଭଙ୍ଗାରୁଜାରେ ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ଏମ୍‌ସିଏଚ୍ ବିଲ୍‌ଡିଂର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଏହାର ପୁନରୁଦ୍ଧାର କରାଯାଇ ପାରି ନାହିଁ। ସେହିପରି ଡାକ୍ତରଖାନାର ବହୁ ମୂଲ୍ୟବାନ୍ ସାମଗ୍ରୀ ଓ ଔଷଧ ନଷ୍ଟ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନୂଆ ସାମଗ୍ରୀ ଆସି ନ ଥିବା ଜଣାପଡିଛି।

ପ୍ରକାଶ ଯେ, ଗତ ସୋମବାର ଅପରାହ୍ନରେ ଧର୍ମଶାଳା ଥାନା ଅନ୍ତର୍ଗତ ଭବାନୀପୁର ଗ୍ରାମର ବିକ୍ରମ ବେହେରାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ପ୍ରସବ ବେଦନା ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ଶିଶୁପୁତ୍ର ଜନ୍ମଦେଇଥିଲେ। ଡାକ୍ତରଙ୍କ ଅନୁପସ୍ଥିତିରେ ନର୍ସଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଶିଶୁ ଜନ୍ମ ପରେ ଅଞ୍ଜଳିଙ୍କ ସ୍ୱାସ୍ଥ୍ୟରେ ତୀବ୍ର ଅବନତି ଘଟିଥିଲା। ପ୍ରବଳ ରକ୍ତସ୍ରାବ ହେବା ଫଳରେ ଅଞ୍ଜଳି ଗୁରୁତର ହୋଇପଡିଥିଲେ। ପରେ କଟକ ସ୍ଥାନାନ୍ତରବେଳେ ରାସ୍ତାରେ ଅଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଧର୍ମଶାଳା ମେଡିକାଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ମୃତ ମହିଳାଙ୍କ ସମ୍ପର୍କୀୟମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ୩୯ଜଣଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ଏହାକୁ ନେଇ ବିବାଦ ଉପୁଜିବାରୁ ପରେ ମୂଳ ଏତଲା ବଦଳା ଯାଇଥିବା ଜଣାପଡିଛି। ଅଭିଯୋଗ ଆଧାରରେ ପୋଲିସ ଚହଟା ଗ୍ରାମର ସୁଜିତ୍ ଧଳ ଓ ଅନିରୁଦ୍ଧ ରାଉତଙ୍କୁ ଗିରଫ କରି କୋର୍ଟ୍ ଚାଲାଣ କରିଛି। ତେବେ ଧର୍ମଶାଳା ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ନର୍ସ ଅଭାବରୁ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଧର୍ମଶାଳା ବ୍ଲକ୍‌ର ଏହା ମୁଖ୍ୟ ଡାକ୍ତରଖାନା ହୋଇଥିବାରୁ ଏଠାରେ ଆବଶ୍ୟକ ଡାକ୍ତର ଓ ଷ୍ଟାଫ୍ ନିଯୁକ୍ତି ସହ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପିସିସି ସାଧାରଣ ସମ୍ପାଦକ କିଷାନ ପଣ୍ଡା ଦାବି କରିଛନ୍ତି। ଏଥିସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ବିଦ୍ୟାଳୟ ସମୂହର ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି ।

ବରୀ,୨୨।୫(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ମିଶନ ଓ ଯାଜପୁର ଜିଲା ଶାଖା ଅଧିକାରୀ କାର୍ଯ୍ୟାଳୟଙ୍କ ମିଳିତ ଆନୁକୂଲ୍ୟରେ ଜିଲାର ୧୬୨ ମାଧ୍ୟମିକ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଞ୍ଚ ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ହରିସାମନ୍ତ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଯାଜପୁରଠାରେ ଆୟୋଜିତ ଶିବିର ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ସକାଳ ୯ଟାରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଯାଜପୁରଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ କମଳ କୁମାରୀ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ଯୋଗର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ଏହି ଉଦ୍ୟମକୁ ଯାଜପୁର ଜିଲାରେ ବ୍ୟାପକ କରି ଗଢ଼ି ତୋଳିବାକୁ ଜିଲା ଅଧିକାରୀ ନାୟକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବରୀ ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ, ରାଜ୍ୟ ଯୋଗ ସାଧନ କର୍ମୀ ରୂପେ ଜିଲାର ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ରାଧାକୃଷ୍ଣ ବୋଷ, କେନ୍ଦୁଝରର ଡମ୍ବରୁଧର ସାହୁ, ଶିବନନ୍ଦ ଯୋଗ ଏକାଡେମୀର ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସାଧନ କର୍ମୀଙ୍କ ଦ୍ୱାରା ଯୋଗ ଓ ପ୍ରାଣାୟାମ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶାରୀରିକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଛି।

## ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଚେତାବନୀ

### କାମରେ ଲାଗୁନି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ

ଧର୍ମଶାଳା,୨୨।୫(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପଗୁଡିକ ଅଚଳ ହୋଇପଡିଛି। ବିଭାଗ ପକ୍ଷରୁ ଅଚଳ ପ୍ରକଳ୍ପ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ଫଳରେ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ପକ୍ଷରୁ ଗ୍ରାମାଞ୍ଚଳର ପାନୀୟ ଜଳ ସଙ୍କଟ ଦୂର କରିବାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସୌର ଶକ୍ତି ଚାଳିତ ପମ୍ପ ଓ ମୋଟର ସ୍ଥାପନ କରିଛନ୍ତି। ହେଲେ ତଦାରଖ ଅଭାବରୁ ପାଟପୁର ଗ୍ରାମ ଦଳିତ ସାହି, ଚକ୍ରୋଡା ବେହେରାସାହି, ଫାଜିଲପୁର ଦଳିତ ସାହି, ବିଛାଖଣ୍ଡିର ମୁଣ୍ଡାସାହି ଆଦି ସ୍ଥାନରେ ଅଚଳ ହୋଇପଡିଛି। ଫଳରେ ଖରାଦିନେ ଲୋକମାନେ ପାଣି ବିନା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ପ୍ରକଳ୍ପ ୨୦୧୬ରୁ ଆରମ୍ଭ ହୋଇଥିବାବେଳେ ଠିକାସଂସ୍ଥା ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର କରି ଲକ୍ଷଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତୁରନ୍ତ ମରାମତି କରା ନ ଗଲେ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଭୂମିହୀନଙ୍କୁ ସାତସପନ ସ୍ୱଚ୍ଛ ଭାରତ ମିଶନ

ଯାଜପୁରରୋଡ,୨୨।୫(ନି.ପ୍ର.)

ବ୍ୟାସନଗର ପୌର ପରିଷଦରେ ବାହାରୁ ଆସି ୪୦-୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନେକ ଲୋକ ବିଭିନ୍ନ ବସ୍ତି ଅଞ୍ଚଳରେ ଥିବା ସରକାରୀ ଓ ଜଙ୍ଗଲ ଜମିରେ ବସବାସ କରୁଛନ୍ତି। ସେମାନଙ୍କ ନାମରେ ଭୋଟର ପରିଚୟପତ୍ର ,ଆଧାର କାର୍ଡ, ରାଶନ କାର୍ଡ ଆଦି ଥିଲେ ମଧ୍ୟ ସ୍ୱଚ୍ଛ ଭାରତ ମିଶନ ଯୋଜନାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମଧ୍ୟ ସେମାନଙ୍କ ପାଇଁ ସାତସପନ ହୋଇଛି। ବ୍ୟାସନଗର ପୌର ପରିଷଦ ପକ୍ଷରୁ ୧୧୧୧ଜଣଙ୍କୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁମାନଙ୍କ ନାମରେ ଜମିପଟ୍ଟା ଅଛି, ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଥିବାବେଳେ ବସ୍ତିରେ ସରକାରୀ ଓ ଜଙ୍ଗଲ ଜମିରେ ରହୁଥିବା ଭୂମିହୀନ ଏଥିରୁ ବାଦ୍ ପଡୁଛନ୍ତି। ସରକାରଙ୍କ ତରଫରୁ ମ୍ୟୁନିସିପାଲିଟିରେ ଭୂମିହୀନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବାସଗୃହ ପାଇଁ ଜମିପଟ୍ଟା ଯୋଗାଇଦେବା ଉପରେ ଏକ ସର୍ଭେ କରାଯାଇଥିଲା। ବର୍ଷେ ହେବ ସର୍ଭେ ଚାଲିଥିବାବେଳେ ଏପର୍ଯ୍ୟନ୍ତ ଗୁଣ୍ଠେ ଜମି ମିଳି ନ ଥିବା ଅଭିଯୋଗ ହୋଇଛି। ସେମାନେ ରାସ୍ତାକଡ, ବସ୍ତି ନିକଟରେ ଥିବା ପଡିଆରେ ମଳ ତ୍ୟାଗ କରୁଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ସହରରେ ଲକ୍ଷ୍ୟପୂରଣ କରାଯାଇଛି ବୋଲି ପୌର ପରିଷଦ ପକ୍ଷରୁ କୁହାଯାଉଥିବାବେଳେ ଏପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା ସୁଧୁରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସପନ ନନ୍ଦଙ୍କୁ ପଚାରିବାରୁ, ଭୂମିହୀନଙ୍କୁ ପଟ୍ଟା ଯୋଗାଇଦେବା ପାଇଁ ସରକାରୀ ସ୍ତରରେ କାର୍ଯ୍ୟ ଚାଲିଛି। ଯେଉଁମାନେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଦରଖାସ୍ତ କରୁଛନ୍ତି, ସେମାନଙ୍କୁ ପାଇଖାନା ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଉଛି। ଅନେକଙ୍କ ନାମରେ ଜମିପଟ୍ଟା ନ ଥିବାରୁ ଆଇନ ଅନୁଯାୟୀ ସେମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ। ଏ ନେଇ ଜିଲାପାଳଙ୍କୁ ଚିଠି ଲେଖାଯାଇଥିବା କହିଛନ୍ତି।

## ନର୍ଦ୍ଦମା ହେବାକୁ ବସିଲାଣି ଗ୍ରାମ ପୋଖରୀ

ସିଂହପୁର,୨୨।୫(ଡି.ଏନ୍.ଏ.)



■ ପାନୀୟ ଜଳ ପାଇଁ ହନ୍ତସନ୍ତ ପଶୁ ସମ୍ପଦ
■ ଶୁଦ୍ଧିକ୍ରିୟା ପାଇଁ ଗ୍ରାମବାସୀ ଯାଉଛନ୍ତି ୪ କି.ମି.
■ ପୋଖରୀ ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି

ଜଳ ସମ୍ପଦର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ସରକାର ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ କେତେକ ସ୍ଥାନରେ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ବହୁ ପୁରାତନ ପୋଖରୀ, ନାଳ, ନଦୀ ଆଦି ଅବକ୍ଷୟ ହେବା ସହ ଅସୁରକ୍ଷିତ ହୋଇପଡିରହିଛି । ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର ଗ୍ରାମର ପୋଖରୀ ଛକଠାରେ ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ପୋଖରୀ ଏବେ ଅବହେଳିତ ଅବସ୍ଥାରେ ଶ୍ରୀହୀନ ହୋଇପଡିଛି। ଯାଜପୁର-ସିଂହପୁର ମୁଖ୍ୟ ରାସ୍ତା ନଛିପୁରଠାରେ ଏହି ପୋଖରୀ ଅବସ୍ଥିତ ଥିବାରୁ ଏହି ସ୍ଥାନ ପୋଖରୀ ଛକ ନାମରେ ପରିଚିତ। ତେବେ ବହୁ ପୁରାତନ ପୋଖରୀ ନର୍ଦ୍ଦମାରେ ପରିଣତ ହୋଇଥିବା ଜଣାପଡ଼ିଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପୋଖରୀର ପୁନରୁଦ୍ଧାର ସହ ବ୍ୟବହାର ଉପଯୋଗୀ କରିବାକୁ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରାମର ଏହା ଏକମାତ୍ର ପୋଖରୀ। ତେଣୁ ଏହା ଉପରେ ପଶୁ ସମ୍ପଦ ନିର୍ଭର କରିବା ସହ ଗ୍ରାମବାସୀ ଶୁଦ୍ଧିକ୍ରିୟା କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ମାତ୍ର ପୋଖରୀ ଜଳ ଅପରିଷ୍କାର ହୋଇଥିବାରୁ ପଶୁ ସମ୍ପଦ ପାଣି ପିଇବା ଦ୍ୱାରା ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ସେହିପରି ଗ୍ରାମର ଅନେକ ପରିବାର ଏହି ପୋଖରୀ ଜଳରେ ଗାଧୋଇବା ଦ୍ୱାରା ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏବେ ଶୁଦ୍ଧିକ୍ରିୟା ପାଇଁ ଗ୍ରାମବାସୀ ୪ କି.ମି. ଦୂର ଖରସ୍ରୋତା ନଦୀକୁ ଯାଉଛନ୍ତି। ୨୦୦୮ରେ ତତ୍କାଳୀନ ଫତେପୁର ସରପଞ୍ଚ କନକଲତା ଗୁରୁଙ୍କ ନେତୃତ୍ୱରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜରିଆରେ ପୋଖରୀ ପୁନରୁଦ୍ଧାର କରାଯାଇଥିଲା। ପରେ ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀ ଅପରିଷ୍କାର ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଛି। ୨୦୧୪-୧୫ରେ ଫତେପୁର ସରପଞ୍ଚ ସୁବାସ ମଲ୍ଲିକ ଏହି ପୋଖରୀର ଏକ ପାର୍ଶ୍ୱରେ ମାତ୍ର କେତୋଟି ପାହାଚ କରିଥିଲେ। ତେବେ ଜଳ ସମସ୍ୟା ଓ ଲୋକଙ୍କ ଆବଶ୍ୟକତା ଅନୁଯାୟୀ, ପୋଖରୀ ପୁନଃରୁଦ୍ଧାର କରାଯାଉ ନ ଥିବାରୁ ଧୀରେ ଧୀରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ରାଜନୈତିକ ବ୍ୟକ୍ତି ପୋଖରୀ ପୁନରୁଦ୍ଧାର ଓ ନବୀକରଣ ପାଇଁ ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କୁ ବାରମ୍ବାର ପ୍ରତାରିତ କରୁଥିବା ଅଭିଯୋଗ ହୋଇଛି। ପ୍ରଶାସନ ଏହି ପୋଖରୀ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରୁଛନ୍ତି। ଏ ସମ୍ପର୍କରେ ବିଞ୍ଝାରପୁର ବିଡିଓ ମୀନତି ଜଗଦେବଙ୍କୁ ପଚାରିବାରୁ, ଗ୍ରାମ ପୋଖରୀ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଥିଲା। ଏବେ ନଜରକୁ ଆସିଛି। ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଭଲ ବହି ପଢ଼ି ଭଲ କାମ କଲେ ଖରାପ
ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
- ଆରିଷ୍ଟଟଲ



## ସଂକ୍ଷେପରେ

### ପରୀକ୍ଷାରେ ନମ୍ବର କମିଯିବାରୁ ବିଷ ପିଇଲେ ଛାତ୍ର

**ନୟାଗଡ଼ ଅଫିସ,୨୨।୫:** ମାଟ୍ରିକ୍ ପରୀକ୍ଷାରେ ନମ୍ବର କମିଯିବାରୁ ରଣପୁର ବ୍ଲକ ଅଞ୍ଚଳର ଜଣେ ଛାତ୍ର ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିବା ଜଣାପଡିଛି। ମଙ୍ଗଳବାର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଉକ୍ତ ଛାତ୍ର ଜଣଙ୍କ ୩୦୦ ନମ୍ବର ରଖିଥିଲେ। ତାଙ୍କ ନମ୍ବର କମିଯାଇଥିବାରୁ ସେ ମାନସିକ ଚାପରେ ଥିଲେ। ବୁଧବାର ସକାଳେ ସେ ବିଷ ପିଇ ଦେଇଥିଲେ। କିଛି ସମୟ ପରେ ଘର ଲୋକ ଏହା ଜାଣିବାରୁ ପୁଅକୁ ଉଦ୍ଧାର କରି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ଛାତ୍ର ଜଣଙ୍କ ସୁସ୍ଥ ଅଛନ୍ତି। ଜିଲା ମୁଖ୍ୟଚିକିତ୍ସାଳୟରେ ରଣପୁରର ବିଜେଡି ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ସମ୍ପୃକ୍ତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ଯାଇଥିଲେ। ସମ୍ପୃକ୍ତ ଛାତ୍ର ପ୍ରିଟେଷ୍ଟ ଓ ଟେଷ୍ଟ ପରୀକ୍ଷାରେ ୩୮୦ ନମ୍ବର ରଖିଥିବା ବେଳେ ଫାଇନାଲରେ କମିଯାଇଥିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଆଲୋଚନା ହେଉଛି।

### ଫନୀ ବିପନ୍ନଙ୍କ ପାଇଁ ରିଲିଫ ସଂଗ୍ରହ




**ନୟାଗଡ଼ ଅଫିସ,୨୨।୫:** ନିଃସ୍ୱାର୍ଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଘରୋଇ ବସ୍ ମାଲିକ ସଂଘ ଓ ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ପକ୍ଷରୁ ଫନୀ ବିପନ୍ନଙ୍କ ପାଇଁ ରିଲିଫ ସଂଗ୍ରହ କରାଯାଇ ପୁରୀ ପଠାଯାଇଛି। ନିଃସ୍ୱାର୍ଥର ସମ୍ପାଦକ ଅରୁଣ କୁମାର ମହାନ୍ତିଙ୍କ ନେତୃତ୍ୱରେ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ସେକ୍ ଇସୁଫ ଓ ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସହଯୋଗରେ ରିଲିଫ ସଂଗ୍ରହ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ୪୨୫ ଖଣ୍ଡ ପଲିଥିନ ଓ ୧୪ ହଜାର ପ୍ୟାକେଟ ବିସ୍କୁଟ ସଂଗ୍ରହ କରାଯାଇ ପରେ ନୟାଗଡ଼ ଜିଲା ରେଡକ୍ରସ ମାଧ୍ୟମରେ ଏକ ୪୦୭ ଗାଡ଼ିରେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ରିଲିଫ ସାମଗ୍ରୀ ପଠାଯିବା ବେଳେ ଉପସ୍ଥିତ ଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୨।୫ (ସ୍ୱ.ପ୍ର.):** କଣ୍ଟିଲୋ ହରିସୁବୁଦ୍ଧି ପାଟଣା (ହରିଜନ ସାହି)ସ୍ଥ ଭାଗବତ ଗୃହ ଓ ମା’ ମଙ୍ଗଳା ମନ୍ଦିରଠାରେ ଅନୁଷ୍ଠିତ ଦୁଇ ଦିବସୀୟ ଅଷ୍ଟପ୍ରହର ଓ ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଶେଷ ପରେ ନଗରକୀର୍ତ୍ତନ କରାଯାଇ ଗ୍ରାମବାସୀଙ୍କ ଦ୍ୱାରା ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଏହାକୁ ଉପଭୋଗ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲେ।

■ ଆଜି ହେବ ଗଣତି: ୨୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

# ୪ ପ୍ରାର୍ଥୀଙ୍କ ମୁଣ୍ଡରେ ହାତୀ ଢାଳିବ ସୁନାକଳସ

**ନୟାଗଡ଼ ଅଫିସ,୨୨।୫**



ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ହୋଇଛି ଭୋଟ ଗଣତି କେନ୍ଦ୍ର ।

■ପ୍ରାର୍ଥୀଙ୍କ ବଢୁଛି ହୃଦସ୍ପନ୍ଦନ
■୫୬ ଟେବୁଲ୍‌ରେ କରାଯିବ ଗଣତି

ପ୍ରାୟ ଏକ ମାସ ଧରି ଇଭିଏମ୍‌ରେ ସିଲ୍ ହୋଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ଗୁରୁବାର ଫଳାଫଳ ପରେ ଜଣାପଡ଼ିବ। ଏହି ଦିନ ଭୋଟଗଣତି ହେଉଥିବାରୁ ସବୁଠି ଉତ୍କଣ୍ଠା ପରିଲକ୍ଷିତ ହେଉଛି। ଜିଲାର ୪ ନିର୍ବାଚନମଣ୍ଡଳୀ ପାଇଁ ହୋଇଥିବା ନିର୍ବାଚନର ଗଣତି କାର୍ଯ୍ୟକ୍ରମ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ କରାଯିବ। ୪ଟି ନିର୍ବାଚନମଣ୍ଡଳୀର ୨୯ପ୍ରାର୍ଥୀଙ୍କ ମଧ୍ୟରୁ କେଉଁ ୪ ପ୍ରାର୍ଥୀଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିବ ତାହାକୁ ନେଇ ସମସ୍ତଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ଯ୍ୟାୟ ଶେଷ ହୋଇଛି। ସ୍ୱୟଂଶାସିତ ମହାବିଦ୍ୟାଳୟକୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ଗୁରୁବାର ସକାଳ ୮ଟାରୁ ଗଣତି କରାଯିବ । ଗଣତିରେ ନିୟୋଜିତ ହୋଇଥିବା କର୍ମଚାରୀମାନେ ସକାଳ ୫ଟାରୁ ହଲ୍‌କୁ ପ୍ରବେଶ କରିବେ। ମହାବିଦ୍ୟାଳୟ ପରିସରରେ ଜିଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୫୬ ଟେବୁଲରେ ଭୋଟ ଗଣତି କରାଯିବ। ପ୍ରତ୍ୟେକ ବିଧାନସଭା ଓ ଲୋକ ସଭା ଆସନ ପାଇଁ ୭ଟି ଲେଖାଏ ଟେବୁଲ କରାଯାଇଛି। ଜିଲାର ୪ ନିର୍ବାଚନମଣ୍ଡଳୀରେ ୯୩୬ ବୁଥ୍‌ରେ ମତଦାନ ହୋଇଥିଲା। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ୨୧୭ ବୁଥ୍ ଥିବାରୁ ୩୧ ରାଉଣ୍ଡରେ ଏହା ଶେଷ ହେବ। ରଣପୁର ନିର୍ବାଚନମଣ୍ଡଳୀରେ ୨୪୦ଟି ବୁଥ୍ ଥିବାରୁ ୩୫ ରାଉଣ୍ଡ, ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୨୩୪ ବୁଥ୍ ଥିବାରୁ ୩୩ ରାଉଣ୍ଡ ଓ ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨୪୫ ବୁଥ୍ ଥିବାରୁ ୩୫ ରାଉଣ୍ଡ ହେବ। ଭୋଟ ଗଣତି ପ୍ରତ୍ୟେକ ଗଣନା କେନ୍ଦ୍ରରେ ଜଣେ କାଉଣ୍ଟିଂ ସୁପରଭାଇଜର, ଜଣେ କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ଜଣେ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତି ଦିଆଯାଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ସୂଚନା ଦେଇଛନ୍ତି। ଆରମ୍ଭରୁ ପ୍ରଥମେ ବାଲଟ ମତଦାନକୁ ଗଣନା କରାଯିବ। ଭୋଟ ଗଣତି ପାଇଁ ୨୮୮ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଗଣତି ପାଇଁ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି କର୍ମୀମାନେ ଉତ୍କଣ୍ଠାରେ ରହିଛନ୍ତି। ଅନ୍ୟପକ୍ଷେ ଭୋଟ ଫଳାଫଳ କ’ଣ ହେବ ତାହାକୁ ନେଇ ପ୍ରାର୍ଥୀମାନଙ୍କ ହୃଦସ୍ପନ୍ଦନ ବଢ଼ିବାରେ ଲାଗିଲାଣି। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ସର୍ବାଧିକ ୧୦ ଜଣ, ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ୮, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ୪ ଓ ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ୭ ଜଣ ଏହିଭଳି ମୋଟ ୨୯ ଜଣ ପ୍ରାର୍ଥୀ ଆଶା ଓ ଆଶଙ୍କାରେ ଅଛନ୍ତି। ସେହିପରି କନ୍ଧମାଳ, କଟକ ଓ ପୁରୀ ଲୋକ ସଭା ଆସନ ପାଇଁ ଏମ୍‌ପି ପ୍ରାର୍ଥୀ ହୋଇଥିବା ନେତାମାନେ ମଧ୍ୟ ଆଶା ଓ ଆଶଙ୍କାରେ ଅଛନ୍ତି।

### ବୁଥ୍ ଜବରଦଖଲ ମାମଲା ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ

**କଟକ ଅଫିସ,୨୨।୫**

ଗତ ସାଧାରଣ ନିର୍ବାଚନ ସମୟରେ ନୟାଗଡ ଏବଂ ରଣପୁର ନିର୍ବାଚନମଣ୍ଡଳୀର ୪ଟି ଲେଖାଏ ବୁଥ୍ ଜବରଦଖଲ ହୋଇଥିଲା। ଏହିସବୁ ବୁଥ୍‌ରେ ସାନି ନିର୍ବାଚନ ପାଇଁ ହୋଇଥିବା ଆବେଦନକୁ ହାଇକୋର୍ଟ ବୁଧବାର ଅଗ୍ରାହ୍ୟ କରି ଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଭଳି ସମୟରେ ଉକ୍ତ ପ୍ରକ୍ରିୟାରେ ହସ୍ତକ୍ଷେପ କରାଯାଇ ପାରିବନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାତ୍ର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଆବେଦନକାରୀ ପୁନଃ କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ବିଚାରପତି ବିଶ୍ୱନାଥ ରଥ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଯେଉଁ ୮ଟି ବୁଥ୍ ଜବରଦଖଲ ହୋଇଥିବା ନେଇ ଅଭିଯୋଗ ହୋଇଛି ଉପରୋକ୍ତ ବୁଥ୍‌ଗୁଡ଼ିକର ଇଭିଏମ୍, ଭିଭିପିଏଟି ସ୍ଲିପ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ରେକର୍ଡପତ୍ର ସ୍ୱତନ୍ତ୍ର ଭାବେ ରଖିବା ନିମନ୍ତେ ହାଇକୋର୍ଟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ନୟାଗଡ଼ର ୪ଟି ବୁଥ୍‌ରେ ବୁଥ୍ ଜବରଦଖଲ ହୋଇଥିବା ନେଇ ଭାଜପା ପ୍ରାର୍ଥୀ ଇରାନୀ ରାୟ ଓ ରଣପୁର ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଥିବା ପ୍ରଶାନ୍ତ ସାହୁ ୪ଟି ବୁଥ୍‌ରେ ସମାନ ଅଭିଯୋଗ ଆଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



Arshita Priyadarshini
(Payal)

ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ, ସେ ତୋତେ ସହାୟ ହୁଅନ୍ତୁ ଏବଂ ସଦାସର୍ବଦା ତୋ ସହ ଥାଆନ୍ତୁ।
ଶୁଭେଚ୍ଛା ସହ
ବାବା, ମାମା, ଜେଜେ, ଜେଜେମା, ପିଇସୀ ମାମା, ପିଇସା, ପୁର୍ବି ଦିଦି, ଅଜା, ଆଈ, ମାମୁ, ମାଇଁ, ମାଉସୀ ଏବଂ ପରିବାର ବର୍ଗ
ଧ-୧୨୫୪୩

ପ୍ରଥମ ବର୍ଷର ଜନ୍ମଦିନର ଅଭିନନ୍ଦନ



(ବାପୁନ୍)
ଅଂଶୁମାନ କୁମାର
ସତ୍ୟନଗର, ଭୁବନେଶ୍ୱର
ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ତାର ଚଲାପଥରେ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ ତାକୁ ଦୀର୍ଘାୟୁ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ପାଇଁ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଠାକୁର ଆଈ, ଆଈ, ଅଜା, ବଡ଼ମାମୁ, ସାନମାମୁ
ଧ-୧୨୭୦୫

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**
ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଡ଼ି-ଆର୍-୨୦୧୯-ଇ୩ ତାରିଖ: ୧୪।୦୫।୨୦୧୯, କାର୍ଯ୍ୟର ନାମ: "ଇଞ୍ଜିନିୟରିଂ ଟିଏସଆର, ସିଟିଆର, ଟିଆରଆର୍ ଏବଂ ଟିଟିଆର୍ କାର୍ଯ୍ୟ ସଂକ୍ରାନ୍ତରେ ବିଳାସପୁରରୁ ଦୁର୍ଗ, ଦୁର୍ଗ-ଏମ୍ଏକ୍ସଏ ମଧ୍ୟରେ ଏବଂ ଏହା ସମେତ ରାୟପୁର ଡିଭିଜନର ସମସ୍ତ ୟାର୍ଡରେ ହଜିଥିବା/କଳଙ୍କିଯୁକ୍ତ/କ୍ଷତିଗ୍ରସ୍ତ ବସ୍ତୁର ବ୍ୟବସ୍ଥା/ବଦଳ"।
ଟେଣ୍ଡର ମୂଲ୍ୟ: ₹୪୮,୮୭,୫୫୯/-। ଇଏମ୍‌ଡି: ₹୯୭,୮୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୩,୦୦୦/- । ସମାପ୍ତି ଅବଧି: ୬ ମାସ।
ବିଡ଼ରମାନେ କେବଳ ତା୧୪।୦୬।୨୦୧୯ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ନାକଚ କରିଦିଆଯିବ । ବିବରଣୀ ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି)
PR/R/SR.DEE(TRD)/PM/24 ଏସ୍‌ଇସିଆର/ରାୟପୁର
ସ୍ୱଚ୍ଛ ଭାରତ ଅଭିଯାନ

## ■ କଣ୍ଟିଲୋ ରାମଲୀଳା ଉଦ୍‌ଯାପିତ

# ରାବଣ ବଧ ପରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ

**ଖଣ୍ଡପଡ଼ା,୨୨।୫ (ସ୍ୱ.ପ୍ର.)**



ଶ୍ରୀରାମଙ୍କ ରାଜ୍ୟାଭିଷେକ।

କଣ୍ଟିଲୋ କଂସାରୀସାହି ପାଟଣାର ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ନାଟକର ମଙ୍ଗଳବାର ଥିଲା ଅନ୍ତିମ ଦିବସ। ସୀତା ଠାକୁରାଣୀଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ। ରାବଣଙ୍କ ବଂଶଧରଙ୍କ ମୃତ୍ୟୁ ସହଜ ନୁହେଁ ବୋଲି ରାମ ଲକ୍ଷ୍ମଣ ଜାଣିପାରିଥିଲେ। ତେଣୁ ରାବଣଙ୍କ ଭାଇ ଗୃହ ଭେଦୀ ବିଭୀଷଣଙ୍କ ନିକଟରୁ ମୃତ୍ୟୁର ଉପାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କୁ ନିପାତ କରିଥିଲେ। ଉଦ୍‌ଯାପନୀ ରାତିରେ ଲକ୍ଷ୍ମଣଙ୍କ ଦ୍ୱାରା ବଧ ହୋଇଥିବା ଇନ୍ଦ୍ରଜିତର ମୃତ୍ୟୁ ସମ୍ପର୍କରେ ରାବଣଙ୍କଠାରୁ ଜାଣିବା ପରେ ଇନ୍ଦ୍ରଜିତଙ୍କ ପୁଅ ମହୀରାବଣ ରାମ ଓ ଲକ୍ଷ୍ମଣଙ୍କୁ କଳେବଳେ କୌଶଳେ ବଧ କରିବାକୁ ସଂକଳ୍ପ କରିଥିଲେ। ମହୀରାବଣ ମାୟା ବଳରେ ନିଜକୁ ଅଦୃଶ୍ୟ କରାଇ ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ହନୁମାନଙ୍କ ଅଷ୍ଟସେନାରେ ସାମିଲ ହୋଇଥିଲେ। ଏହା ପରେ ଅଷ୍ଟସେନା ସମେତ ରାମ ଲକ୍ଷ୍ମଣଙ୍କୁ ନିଦ୍ରାରେ ମୋହିତ କରାଇ ଦୁଇଭାଇଙ୍କୁ ସେଠାରୁ ଚୋରାଇ ଆଣି ପାତାଳପୁରୀର ଗୁମ୍ଫାରେ ନରବଳି ଦେବା ପାଇଁ ରଖିଥିଲେ। ତେବେ ସୀତାଙ୍କ ଅଶ୍ରୁରୁ ତାରା, ତାରିଣୀ ୨ଜଣ ଦେବୀ ସୃଷ୍ଟି ହୋଇ ରାମ,ଲକ୍ଷ୍ମଣଙ୍କୁ ସୁରକ୍ଷା ଦେଇଥିଲେ। ଦେବୀଙ୍କ ପାଖରେ ରାମ,ଲକ୍ଷ୍ମଣଙ୍କୁ ନରବଳି ଦେବାକୁ ଉଦ୍ୟତ ହେଉଥିବା ବେଳେ ମାୟାବୀ ମହୀରାବଣଙ୍କୁ ୨ଭାଇ ବଧ କରିଥିଲେ। ପରେ ରାବଣକୁ ବଧ କରି ଅଶୋକ ବାଟିକାରୁ ସୀତାଙ୍କୁ ଉଦ୍ଧାର କରିଥିଲେ । ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇ ପତ୍ନୀ ଓ ଭାଇଙ୍କ ସହ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିଥିଲେ। ସେଠାରେ ରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଶ୍ରୀରାମ, ପତ୍ନୀ ସୀତା, ଅନୁଜ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ହନୁମାନ, ବିଭୀଷଣ ସହିତ ଅଭିଷେକ ବେଶରେ ସଜ୍ଜିତ ହୋଇଥିଲେ। ଅନ୍ତିମ ରାତିରେ ଆଳତି, ହୋମ ପୂର୍ବରୁ ବିଧି ପୂର୍ବକ ରତ୍ନବେଦୀରେ ସିଂହାସନ ସ୍ଥାପନ କରାଯାଇ ଅଭିଷେକ କରାଯାଇଥିଲା। ଏହି ରାମଲୀଳା ନାଟକ ଉପଭୋଗ କରିବାକୁ ହଜାର ହଜାର ଦର୍ଶକ ସମାଗମ ହୋଇଥିଲେ। ନିରଞ୍ଜନ ମିଶ୍ର, ରମାକାନ୍ତ ସାହୁ ମଞ୍ଚ ଓ ନାଟ୍ୟ ପରିଚାଳନା କରିଥିଲେ। ଉତ୍ତମ ଅଭିନୟ ପ୍ରଦର୍ଶନ ପାଇଁ ଦୀପୁ ରଞ୍ଜନ ସାହୁ, ତାପସ ସାହୁ, ବିଭୂତି ସାହୁ ଓ ଶିଶୁ କଳାକାର ରାଜା ପ୍ରମୁଖଙ୍କୁ ସ୍ଥାନୀୟ ନୀଳମାଧବ ଅଳଙ୍କାର ଭଣ୍ଡାର ପକ୍ଷରୁ ଲକ୍ଷ୍ମୀଧର ଚିନରା ପୁରସ୍କାର ପ୍ରଦାନ କରିଥିଲେ।

### କୋସକା ଫାଣ୍ଡି ଅଞ୍ଚଳରେ ଚୋରା ମଦ କାରବାର

**ଖଣ୍ଡପଡ଼ା,୨୨।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ କୋସକା ଫାଣ୍ଡି ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦର ଅବାଧ କାରବାର ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳର କେତେଜଣ ବ୍ୟକ୍ତି ଦୀର୍ଘବର୍ଷ ଧରି ଚୋରା ଦେଶୀ ମଦ ବେପାର କରୁଛନ୍ତି। ଏ ନେଇ ପୋଲିସ ଓ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସେହିପରି କୋସକା ଓ ଏହାର ଆଖପାଖ ବିଭିନ୍ନ ସ୍ଥାନରେ ବିଦେଶୀ ମଦ ସାଙ୍ଗକୁ ଭାଙ୍ଗ ଓ ଗଞ୍ଜେଇ ଆଦି ମାଦକ ଦ୍ରବ୍ୟ କାରବାର ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ନିଶା କାରବାର ବନ୍ଦ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କର୍କଟ ରୋଗାକ୍ରାନ୍ତ ଭିନ୍ନକ୍ଷମ ଛାତ୍ରଙ୍କ ସଫଳତା

**ଖଣ୍ଡପଡ଼ା,୨୨।୫(ସ୍ୱ.ପ୍ର.)**



ସ୍ୱସ୍ତିକ ମିଶ୍ର।

ଖଣ୍ଡପଡ଼ା ରଥଗଡା ସାହିର କର୍କଟ ରୋଗାକ୍ରାନ୍ତ ଭିନ୍ନକ୍ଷମ ଛାତ୍ର ମାଟ୍ରିକ ପରୀକ୍ଷାରେ ସଫଳତା ଅର୍ଜନ କରିଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଖଣ୍ଡପଡ଼ାର ବରିଷ୍ଠ ଆଇନଜୀବୀ ସଂଗ୍ରାମ କେଶରୀ ମିଶ୍ରଙ୍କ ପୁତ୍ର ସ୍ୱସ୍ତିକ ମିଶ୍ର(୧୫) ସ୍ଥାନୀୟ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର। ସ୍ୱସ୍ତିକ ଦୀର୍ଘବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ନିଜର ଦୃଷ୍ଟିଶକ୍ତି ହରାଇ ବସିଛନ୍ତି। ଚଳିତବର୍ଷ ସେ ନିକଟସ୍ଥ ଶିଖରପୁର କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ଶତପ୍ରତିଶତ ଦୃଷ୍ଟିଶକ୍ତି ହରାଇଥିବାରୁ ବୋର୍ଡ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ଜଣେ ନବମ ଶ୍ରେଣୀର ଛାତ୍ରୀ ତାଙ୍କ ପାଇଁ ରାଇଟର ଭାବେ ନିଯୁକ୍ତ ହୋଇଥିଲେ । ଫଳ ପ୍ରକାଶ ପରେ ସେ ୭୪ ପ୍ରତିଶତ ନମ୍ବର ରଖିଥିବା ଜଣାପଡିଛି। ୪୪୨ ନମ୍ବର ରଖି ବି ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୃଷ୍ଟିଶକ୍ତି ବିହୀନ ତଥା ଚାଲିପାରୁ ନ ଥିବା ସ୍ୱସ୍ତିକଙ୍କ ସ୍ମରଣଶକ୍ତି ଅତି ପ୍ରଖର। ଜେଜେବାପା ଆଇନଜୀବୀ ମାଧବ ପ୍ରସାଦ ମିଶ୍ର ଓ ଜେଜେ ମା’ ଆଡଭୋକେଟ ବିନୋଦିନୀ ମିଶ୍ର ପ୍ରାତଃ ସମୟରେ ପାଠ କରୁଥିବା ସଂସ୍କୃତ ଶ୍ଲୋକଗୁଡିକ ଶୁଣି ସେ ନିର୍ଭୁଲ ଭାବେ ଗାଇ ପାରନ୍ତି। କଲେଜରେ ସଂସ୍କୃତ ନେଇ ଅଧ୍ୟୟନ କରିବା ସହ ଭବିଷ୍ୟତରେ ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ତଥା ପ୍ରସାରପ୍ରଚାର ଦିଗରେ ପ୍ରୟାସ ଜାରି ରଖିବେ ବୋଲି ସ୍ୱସ୍ତିକ ଆଶା ରଖିଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ସ୍ୱସ୍ତିକ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବୁଧବାର ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ଯାଇଛନ୍ତି। ସେଠାରେ ସେ ୧୮ଦିନ ପର୍ଯ୍ୟନ୍ତ ଚିକିତ୍ସିତ ହେବେ । ଜନ୍ମରୁ ତାଙ୍କ ବ୍ରେନରେ ଟ୍ୟୁମର ହୋଇଥିବାରୁ ଅପରେଶନ କରାଯାଇଥିଲା। ସେତେବେଳେ ତାଙ୍କୁ କ୍ୟାନସର ହୋଇଥିବା ଜଣାପଡିଥିଲା। ସେ ସମୟରୁ ତା’ର ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଇଥିବା ତାଙ୍କ ଜେଜେବାପା ସୂଚନା ଦେଇଛନ୍ତି ।

**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-RT-130ER, ତା: 15.05.2019
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଡୁମରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (ନୂଆ = 02 ଗୋଟି, ବୃଦ୍ଧିକରଣ=01 ଗୋଟି), ସେକ୍ସନିଙ୍ଗ୍ ପୋଷ୍ଟ (ବୃଦ୍ଧିକରଣ=01 ଗୋଟି) ର ଡିଜାଇନ୍ (Design), ଯୋଗାଣ, ଉତ୍ଥାନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସମ୍ପର୍କିତ PSI କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 313.21 ଲକ୍ଷ, EMD (ଟଙ୍କାରେ) :₹ 3,06,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.27.06.2019 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ବିଶାଖାପାଟଣା
PR-22/CC/19-20

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019022, ତା: 16.05.2019
**କାର୍ଯ୍ୟର ନାମ :** ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପ : (i)ସିଏଚ୍. 28940m-29500m ମଧ୍ୟରେ ଛୋଟ ପୋଲ, ମାଟି କାର୍ଯ୍ୟ ସମ୍ପାଦନ ଏବଂ ଅନ୍ୟ ସମଧରଣର କାର୍ଯ୍ୟ, (ii) ସମଲ, ପରାବିଲ ଏବଂ ଖମାର ଠାରେ ଷ୍ଟେସନ ବିଲ୍ଡିଙ୍ଗ୍, HL ପ୍ଲାଟଫର୍ମ, ପ୍ଲାଟଫର୍ମ ସେଲ୍ଟର, ସିଗ୍ନାଲ ଗୁମଟି, ପରିସର ପାଚେରୀ, ସଡ଼କ, ଗଭୀର ନଳକୂପ ଇତ୍ୟାଦି, ବିଦ୍ୟୁତୀକରଣ ଏବଂ ଅନ୍ୟ ସମଧରଣର କାର୍ଯ୍ୟଗୁଡ଼ିକ ସହିତ ଖମାର ଠାରେ P.Way ଷ୍ଟୋରର ନିର୍ମାଣ, (iii) ତାଳଚେର-ସୁନାଖଣି ଷ୍ଟେସନ ଏବଂ ସମଲ-ପରାବିଲ୍ ଷ୍ଟେସନ ମଧ୍ୟରେ ବଲ୍‌କା ସାଇଡ୍ ଡ୍ରେନ୍, ଟୋ ୱାଲର ନିର୍ମାଣ ତଥା ଅନ୍ୟ ବିବିଧ କାର୍ଯ୍ୟ ସମୂହ, (iv) ବୁଢ଼ାପଙ୍କ ଏବଂ ସାଳଗାଁ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ମଞ୍ଚେଶ୍ୱର ଠାରେ ଇନ୍‌ଡ୍ରୋର ହଲ୍ ନିକଟରେ ଇଲେକ୍ଟ୍ରିକାଲ ନିର୍ମାଣ ୟୁନିଟ୍ ନିମନ୍ତେ ବିଦ୍ୟୁତୀକରଣ ସହିତ ଷ୍ଟୋର କାର୍ଯ୍ୟାଳୟର ନିର୍ମାଣ ଏବଂ (v)ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ସବ୍‌ଷ୍ଟେସନ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ଉନ୍ନୟନ (Upgradation) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2465.73 ଲକ୍ଷ, EMD (ଟଙ୍କାରେ) :₹ 13,82,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.06.2019 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-23/CC/19-20

## ■ ଶ୍ମଶାନରୁ ବୋହୂଙ୍କ ଅଧାପୋଡ଼ା ମୃତଦେହ ଜବତ ଘଟଣା

# ଶାଶୁଘର ପରିବାର ନାମରେ ମାମଲା ରୁଜୁ

**ରଣପୁର,୨୨।୫(ସ୍ୱ.ପ୍ର.)**

### ଗିରଫ ଭୟରେ ଫେରାର

ରଣପୁର ଥାନା ସୁନାଖଳା ଫାଣ୍ଡି ନରେନ୍ଦ୍ରପୁର ପଞ୍ଚାୟତର ବିନୋଦପଡା ଗ୍ରାମରେ ଗତ ସୋମବାର ଜଣେ ବୋହୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଉଥିଲା। ଖବର ପାଇ ମହିଳାଙ୍କ ବାପଘର ଲୋକେ ପହଞ୍ଚି ଅଧାପୋଡା ମୃତଦେହ ଉପରେ ପାଣି ପକାଇ ପୋଲିସକୁ ଖବର ଦେଇଥିଲେ। ମହିଳାଙ୍କ ଭାଇ ମାନସ ରଞ୍ଜନ ସ୍ୱାଇଁ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୧୦/୧୯ରେ ମାମଲା ରୁଜୁ କରିବା ସହ ଅଧାପୋଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗିରଫ ଭୟରେ ଶାଶୁଘର ଲୋକମାନେ ଫେରାର ହୋଇଯାଇଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, କଟକ ଜିଲା ବାଙ୍କୀ ଥାନା ପାଟପୁର ଗ୍ରାମର ବାମଦେବ ସ୍ୱାଇଁଙ୍କ ଝିଅ ଶୁଭ୍ରକେଶୀ ୬ବର୍ଷ ତଳେ ବିନୋଦପଡା ଗ୍ରାମର ମନୋଜ ରାଉତଙ୍କୁ ବିବାହ କରିଥିଲେ। କନ୍ୟାଘର ତରଫରୁ ଯୌତୁକ ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା ବେଳେ ଅଧିକ ଯୌତୁକ ଆଣିବା ପାଇଁ ଶାଶୁଘର ତରଫରୁ ବୋହୂ ଉପରେ ନିର୍ଯାତନା ଦିଆଯାଉଥିଲା। ଏପରି କି ମାଡ଼ ମଧ୍ୟ ମରାଯାଉଥିଲା। ଏ ନେଇ ବିଭିନ୍ନ ସମୟରେ ପରିବାର ଲୋକଙ୍କୁ ଶୁଭ୍ରକେଶୀ ଜଣାଇଥିଲେ। ଏପରିସ୍ଥଳେ ଗତ ସୋମବାର ଶାଶୁଘର ଲୋକମାନେ ଶୁଭ୍ରକେଶୀଙ୍କୁ ମାଡ଼ ମାରି ମାରିଦେଇଥିଲେ। ପରେ କାହାକୁ ନ ଜଣାଇ ଗ୍ରାମ ଶ୍ମଶାନରେ ଦାହ କରୁଥିବାବେଳେ ଗ୍ରାମର କୌଣସି ବ୍ୟକ୍ତି ଏ ନେଇ ଶୁଭ୍ରକେଶୀଙ୍କ ବାପଘରକୁ ଫୋନ ଯୋଗେ ଜଣାଇଥିଲେ। ବାପଘର ଲୋକେ ପହଞ୍ଚି ମୃତଦେହ ଜଳୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ସେମାନେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ସହ ଏଥିରେ ସମ୍ପୃକ୍ତ ଶାଶୁଘର ଲୋକଙ୍କୁ ଗିରଫ ଦାବିରେ ଅପରାହ୍ନ ୫ଟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ଶରଣକୁଳ ଏସ୍‌ଡିପିଓ ଭେରିୟସ୍ ଟପୋ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀ ଓ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ରାତି ୧୧ଟାରେ ରାସ୍ତାରୋକୋ ହଟିବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କଳ୍ପନା କୁମାରୀ ଦାଶ
Dash Glass Company MKD Associates, Police line, VIP Road
ଆବିର୍ଭାବ: ୨୮।୦୭।୧୯୫୦
ତିରୋଧାନ: ୧୫।୦୫।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
Contact: 9438180180, 9861080180
ଧ-୬୩୭୭୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ
ଦିଘ, ତାଳଚେର
ପୂର୍ବତନ ଶିକ୍ଷାବିତ୍ ତଥା ସରକାରୀ ଅଧିକାରୀ
ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୪।୦୫।୨୦୧୮
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ତଥା କର୍ତ୍ତବ୍ୟ ପରାୟଣତା ଏବଂ ସର୍ବୋପରି ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ପାଥେୟକରି ଆମେମାନେ ଜୀବନରେ ଆଗେଇଚାଲୁ ଏତିକି ଆଶୀର୍ବାଦ କରୁଥାଅ। ତୁମର ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର-ଜ୍ଞାନ, ଭୂପେନ, ପୃଥ୍ୱୀରାଜ, ପୁତ୍ରବଧୂ- ସୁମିତ୍ରା, ସୁନିତା, କନ୍ୟା- ସନ୍ଧ୍ୟା, ଶୋଭା, ଜ୍ୱାଇଁ- ସୁରେନ୍ଦ୍ର, ମନୋଜ ଓ ନାତି, ନାତୁଣୀ- ମଣ୍ଟୁ, ସୋମ, ମୁମୁ ସାନ, ସିଦ୍ଧି, ସୃଷ୍ଟି ଓ ପରିବାରବର୍ଗ।
ଧ-୧୨୬୧୦

୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ହରିଚନ୍ଦନ
ନୟାପଲ୍ଲୀ, ଗଡ଼ସାହି
ତିରୋଧାନ: ଜ୍ୟେଷ୍ଠ କୃଷ୍ଣପକ୍ଷ ପଞ୍ଚମୀ ତିଥି
ତୁମର ସ୍ୱଚ୍ଛ ଆନ୍ତରିକତା ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା ଆମକୁ ଅନୁପ୍ରାଣିତ କରୁଥାଉ। ଆମେ ପରମବ୍ରହ୍ମଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ- ରଘୁନାଥ, ଆରତୀ, ନାତୁଣୀ-ଲକି, ଲିକି ଓ ପରିବାରବର୍ଗ
ଧ-୧୨୫୮୩



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।

- ମନୋଜ ଦାସ



## ସଂକ୍ଷେପରେ

### ଜନସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର



**ଖଣ୍ଡପଡ଼ା,୨୨।୫ (ସ୍ୱ.ପ୍ର.):** ସମ୍ପ୍ରତି ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ରାସ୍ତାଘାଟରେ କୌଣସି ଛାୟା ପ୍ରଦାନକାରୀ ବୃକ୍ଷ ନ ଥିବାବେଳେ ପଥଚାରୀ ତଥା ଯାନବାହନରେ ଯାତ୍ରା କରୁଥିବା ଯାତ୍ରୀମାନେ ପାଣି ଟୋପେ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମର ଚନ୍ଦ୍ରମଣି ନାୟକ ଜନସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଶୁଳିଆ-ବାରଖୋଲା ବାଇପାସ୍ ରାସ୍ତାରେ ଖୋଲିଥିବା ଜଳଛତ୍ରରୁ ପଥିକମାନେ ତୃଷା ମେଣ୍ଟାଉଥିବା ପରିଲକ୍ଷିତ ହୋଇଛି।

### ଜଟଣୀ ଗୋଶାଳାରେ ବ୍ୟାପକ କ୍ଷତି

**ଜଟଣୀ,୨୨।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ'ରେ ଜଟଣୀରେ ଥିବା ଶ୍ରୀଜଗନ୍ନାଥ ପୁରୀ ଗୋଶାଳାରେ ବ୍ୟାପକ କ୍ଷତି ଘଟିଛି। ପ୍ରାୟ ଦୁଇ ଶହରୁ ଅଧିକ ଗାଈ, ବାଛୁରି ଓ ବଳଦ ହଇରାଣ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ମୋଟରରେ ପାଣି ଉଠିପାରୁ ନ ଥିବାବେଳେ ନଡ଼ା କଟା ମେଶିନ୍ ମଧ ଚାଲୁନାହିଁ। ଏହା ସହ ଗୋରୁଙ୍କ ଲାଗି ଥିବା ଖାଦ୍ୟସାମଗ୍ରୀ ଓଦା ହୋଇ ନଷ୍ଟ ହୋଇଯାଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗୋଶାଳାର କର୍ମଚାରୀ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେହି ଶୁଣୁନାହାନ୍ତି। ଗଛପଡ଼ି ଘର ଆଜବେଷ୍ଟସ ଭାଙ୍ଗିଯାଇଛି। ପାଣି ଉଠାଇବା ଓ ନଡ଼ା କାଟିବା ମେଶିନ୍ ଚଳାଇବା ପାଇଁ ଭଡ଼ାରେ ଜେନେରେଟର ଅଣାଯାଇଥିବା ଗୋଶାଳା ମ୍ୟାନେଜର ରାମ ଭରୋଶ କହିଛନ୍ତି। ଭଡ଼ା ବାବଦରେ ଘଣ୍ଟାକୁ ୧୫ଶହ ଟଙ୍କା ଦେବାକୁ ପଡୁଛି। ଏତେ ଟଙ୍କା ବ୍ୟୟ କରି ଜେନେରେଟର ଚଳାଇବା କଷ୍ଟକର ହେଉଥିବା ଗୋଶାଳାର ମ୍ୟାନେଜର ଭରୋଶ ଓ ସାମାଜିକ କର୍ମୀ ଏସ୍.ଜନ୍ କହିଛନ୍ତି। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦେବାକୁ ସେସୁ ଓ ଫେଡ୍‌କୋ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

### ଏଟିଏମ୍ ସେବା ଠପ୍ ଯୋଗୁ ଅସନ୍ତୋଷ



**ନିରାକାରପୁର,୨୨।୫(ଡି.ଏନ.ଏ.):** ଫନୀ ପରେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ବିଭିନ୍ନ ବ୍ୟାଙ୍କର ଏଟିଏମ୍ ସେବା ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ପ୍ରାୟ ସମସ୍ତ ଏଟିଏମ୍ କେନ୍ଦ୍ର ଅଚଳ ହୋଇ ପଡ଼ିଥିବାବେଳେ କେବଳ ୨ଟି କାର୍ଯ୍ୟ କରୁଛି। ଗ୍ରାହକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଏଟିଏମ୍ କେନ୍ଦ୍ରକୁ ଟଙ୍କା ଉଠାଇବାକୁ ଆସିଥିବା ଗ୍ରାହକମାନେ ଟଙ୍କା ଉଠାଇ ନ ପାରି ନିରାଶ ହୋଇ ଫେରି ଯାଉଥିବା ଅଭିଯୋଗ ହୋଇଛି। ଏଭଳି ସମସ୍ୟା ଯୋଗୁ ଗ୍ରାହକମାନେ ଟଙ୍କା ଉଠାଇବାକୁ ଅନ୍ୟ ଅଞ୍ଚଳ ଯିବାକୁ ବାଧ ହେଉଛନ୍ତି। ଏ ନେଇ ନିରାକାରପୁରସ୍ଥିତ ଜଣେ ଗ୍ରାହକ ମାନସ ରଞ୍ଜନ ମହାନ୍ତି କହିଥିଲେ, ଆମ ଅଞ୍ଚଳରେ ଥିବା ସମସ୍ତ ଏଟିଏମ୍ ବନ୍ଦ ରହିଥିବାରୁ ଆମେ ନାହିଁ ନ ଥିବା ହଇରାଣ ହେଉଛୁ। ନୟାଗଡ଼ ଓ ବାଲୁଗାଁକୁ ଯାଇ ଟଙ୍କା ଉଠାଇବାକୁ ବାଧ ହେଉଛୁ। ସ୍ଥାନୀୟ ଅଞ୍ଚଳର ୭ଟି ଏଟିଏମ୍‌ରୁ ମାତ୍ର ୨ଟି କାମ କରୁଥିବାରୁ ଆମେ ଉପଯୁକ୍ତ ସେବା ପାଇପାରୁନାହୁଁ। ଏଠାରେ ଏଟିଏମ୍ କାମ କରୁ ନ ଥିବାରୁ ଖୋର୍ଦ୍ଧା, ବାଲୁଗାଁ ଏଟିଏମ୍‌ରୁ ଆମେ ଟଙ୍କା ଉଠାଉଛୁ। ଚୋରି, ଡକାୟତି ଭୟ ଯୋଗୁ ସାଙ୍ଗରେ ଦୁଇ ଜଣଙ୍କୁ ନେବାକୁ ପଡୁଛି ବୋଲି ରାକେଶ ପରିଡ଼ା(କାଶୀପୁର)କହିଥିଲେ। ସେହିପରି କାଶୀପୁରର ଅନ୍ୟ ଜଣେ ଗ୍ରାହକ ବିଦ୍ୟା ସାଗର ପ୍ରଧାନ କହିଥିଲେ ଯେ, ସ୍ଥାନୀୟ ଅଞ୍ଚଳର ୭ଟି ଏଟିଏମ୍ ବନ୍ଦ ହୋଇଯାଇଥିଲା। ଏବେ ମାତ୍ର ୨ଟି କାର୍ଯ୍ୟକ୍ଷମ ଥିଲେ ମଧ ଆମକୁ ଠିକ୍ ସେବା ମିଳୁନାହିଁ। ତେଣୁ ଆମେ ଖୋର୍ଦ୍ଧା ଓ କମାଗୁରୁ ଯାଇ ସେଠାରୁ ଟଙ୍କା ଉଠାଇବାକୁ ବାଧ ହେଉଛୁ। ବରୋଦା ବ୍ୟାଙ୍କ ଏଟିଏମ୍‌ଟି ବନ୍ଦ ରହିଥିବାରୁ ନିରାକାରପୁରସ୍ଥିତ ବରୋଦା ବ୍ୟାଙ୍କ ପରିଚାଳକ ଅଂଶୁମାନ ପଟ୍ଟନାୟକଙ୍କୁ ଉକ୍ତ ସମସ୍ୟା ବିଷୟରେ ପଚାରିଥିଲୁ। ବାତ୍ୟାରେ ବିଦ୍ୟୁତ୍ ଓ ଲାଇଟ୍ ଅସୁବିଧା ଯୋଗୁ ଏଟିଏମ୍‌ଟି ବନ୍ଦ ରହିଛି। ଏଇ ଦିନେ ଦୁଇ ଦିନ ମଧରେ ଏଟିଏମ୍‌ଟି କାର୍ଯ୍ୟକ୍ଷମ ହୋଇଯିବ ବୋଲି ପରିଚାଳକ କହିଥିଲେ। ତେବେ ଏଠାରେ ଏଟିଏମ୍ ବ୍ୟତୀତ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ମଧ ବନ୍ଦ ରହିଛି, ଯାହାଦ୍ୱାରା ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି।

## ■ ଫନୀ ଦେଇଛି ଦୁଃଖ

# ଟିଭିରୁ ଜାଣିହେବନି ନିର୍ବାଚନ ଫଳାଫଳ

- ■ଲୋକେ ନିରାଶ
- ■ନାହିଁ ବିଦ୍ୟୁତ୍, କଟିଛି କେବୁଲ୍

**ପୁରୀ ଅଫିସ, ୨୨।୫**

୨୩ ସକାଳୁ ଆରମ୍ଭ ହେବ ଭୋଟ ଗଣତି। ନିର୍ବାଚନ ଫଳାଫଳ କ'ଣ ହେବ, କାହା ସପକ୍ଷରେ ଯିବ ମତଦାନ ତାହାକୁ ସମସ୍ତେ ଚାହିଁ ରହିଛନ୍ତି। ବିଭିନ୍ନ ସ୍ଥାନରେ ଏବେ ନିର୍ବାଚନ ଫଳାଫଳକୁ ନେଇ ଚର୍ଚ୍ଚା ଆଲୋଚନା ଚାଲିଛି। ତେବେ ଫଳାଫଳ ଜାଣିବା ପାଇଁ ଜନସାଧାରଣ ମୁଖ୍ୟତଃ ଟିଭି ଉପରେ ନିର୍ଭର କରିଥାନ୍ତି। ଟିଭିରେ ବିଭିନ୍ନ ରାଉଣ୍ଡର ଫଳାଫଳ ଆସିଥାଏ। କିଏ କେଉଁ ରାଉଣ୍ଡରେ ଆଗେଇଛନ୍ତି ଏବଂ କିଏ ପଛରେ ପଡିଯାଇଛନ୍ତି ତାହା ଜଣାପଡିଥାଏ। ହେଲେ ଏଥର ପୁରୀ ଜିଲାବାସୀ ଏଥିରୁ ବଞ୍ଚିତ ହେବେ। ଟିଭିରୁ ଗଣତିର ଫଳାଫଳ ଜାଣିପାରିବେ ନାହିଁ। ଏହାକୁ ନେଇ ଲୋକେ ନିରାଶ ହୋଇପଡିଛନ୍ତି। ଫନୀ ଏମିତି ଦୁଃଖ ଦେଇଛି ବୋଲି କୁହାଯାଉଛି। ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଛି। ବହୁ ସଂଖ୍ୟାରେ ଘର, ଗଛ ଭାଙ୍ଗି ପଡିଥିବା ବେଳେ ବ୍ୟାପକ ମାତ୍ରାରେ ବିଦ୍ୟୁତ୍ ଖୁଣ୍ଟ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ଲାଗି ଯୁଦ୍ଧକାଳୀନଭିତ୍ତିରେ ପୁନରୁଦ୍ଧାର କାମ ଚାଲିଥିଲେ ମଧ ଏ ପର୍ଯ୍ୟନ୍ତ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇପାରି ନାହିଁ। ପୁରୀ ସହରରେ ମଧ ଅର୍ଦ୍ଧାଧିକ ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ଅଛନ୍ତି। ଯେଉଁ କେତେଜଣଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ବି ସେମାନଙ୍କ ଘରେ ଏ ପର୍ଯ୍ୟନ୍ତ ଟିଭି ଚାଲୁନାହିଁ। କାରଣ ବିଭିନ୍ନ କମ୍ପାନୀର କେବୁଲ ନେଟୱର୍କ ଏବେ ସୁଦ୍ଧା କାର୍ଯ୍ୟକ୍ଷମ କରିନାହିଁ। ହାତଗଣତି କେତେଜଣ ଡିଟୁଏଚ୍ ଉପଭୋକ୍ତାଙ୍କ ଘରେ ଟିଭି ଚାଲୁଥିବା ଜଣାପଡିଛି। ମୋଟାମୋଟି ଜିଲାର ସିଂହଭାଗ ଲୋକେ ଟେଲିଭିଜନ ଦେଖିପାରୁ ନାହାନ୍ତି। ତେଣୁ ଟିଭିରୁ ନିର୍ବାଚନ ଫଳାଫଳ ଜାଣି ନ ପାରିବା ନେଇ ଅନେକ ନିରାଶ ହୋଇପଡିଛନ୍ତି। ହାତରେ ମୋବାଇଲ ଥିଲେ ବି ଟେଲିଫୋନ ସେବା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇପାରି ନାହିଁ। ସେହିପରି ମୋବାଇଲ ଚାର୍ଜ କରିବା ମଧ ଅନେକଙ୍କ ପାଇଁ ବଡ଼ ସମସ୍ୟା ହୋଇଛି। ଏ ସମ୍ପର୍କରେ ପୁରୀର ପ୍ରତାପ ଶତପଥୀ କହିଛନ୍ତି, ୩ ତାରିଖରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏ ପର୍ଯ୍ୟନ୍ତ ଆମ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ସେହିପରି କେବୁଲ ନେଟୱର୍କ ମଧ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରି ନାହିଁ। ୨୦ ତାରିଖ ସୁଦ୍ଧା ପୁରୀ ସହରକୁ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍ ଯୋଗାଣ ହେବ ବୋଲି ସରକାର କହିଥିଲେ। ଆଶା ଥିଲା ଟିଭିରେ ନିର୍ବାଚନ ଫଳାଫଳ ଦେଖିବି। କିନ୍ତୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ କେବୁଲ ତାର ବି ଲାଗିପାରି ନାହିଁ। ଭୋଟ ଫଳାଫଳ ଦେଖିବା ଲାଗି ମନରେ ଉତ୍କଣ୍ଠା ଥିଲେ ମଧ ନିରାଶ ହେବାକୁ ପଡିବ। କେବଳ ପ୍ରତାପ ନୁହନ୍ତି ପୁରୀ ସହରର ପ୍ରାୟ ସବୁ ଲୋକଙ୍କ ମୁହଁରୁ ଏହା ଶୁଣିବାକୁ ମିଳୁଛି।

# ଡ୍ରମ୍ବରେ ଅରବିନ୍ଧା ଅନୁକୂଳ



ମେଶିନ ଦ୍ୱାରା ଅରବିନ୍ଧା କାର୍ଯ୍ୟରେ ଲାଗିଛନ୍ତି ମହାରଣାମାନେ।

**ପୁରୀ ଅଫିସ, ୨୨।୫**

ରଥଖଳାରେ ତିନି ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ମହାରଣା ସେବକମାନେ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ବୁଧବାର ଡ୍ରମ୍ବରେ ଅରବିନ୍ଧା ଅନୁକୂଳ ହୋଇଛି। ତିନି ରଥ ଲାଗି ଡ୍ରମ୍ବ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥରେ ୪୨ଟି ଡ୍ରମ୍ବ ଲାଗିଥାଏ। ସେଥିରୁ ୩୫ଟି ସରିଛି। ନନ୍ଦିଘୋଷର ୧୪, ଦେବୀରଥର ୯ ଏବଂ ବଡ ଠାକୁରଙ୍କ ୧୨ଟି ଡ୍ରମ୍ବରେ ବିନ୍ଧ କାମ ସରିଛି। ମଙ୍ଗଳବାରଠାରୁ ଜନ୍ତାଗାଡରେ ସିଙ୍ଗଡା ବାଡିଆ ଅନୁକୂଳ ହୋଇଛି। ବୁଧବାର ୬ଟି ସିଙ୍ଗଡା ବାଡିଆ କରାଯାଇଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ଭଉଁରିରେ ତିନି ରଥର ଗୋଟିଏ ଲେଖାଏ ଚକ ଅଖ ଡେରା ହେବ। ସେଥି ଲାଗି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରହିଛି। ବୁଧବାର ରଥଖଳାରେ ତିନି ରଥ ଲାଗି ୪୦ଫୁଟିଆ ଅଖ କାଠ, ୧୧ଟି ଅରମୁଣ୍ଡି ଦିଆଯାଇଛି ବୋଲି ରବି କହିଛନ୍ତି। ରୂପକାର ସେବକମାନେ କଣଗୁଜ କରୁଛନ୍ତି। ମହାରଣା ସେବକମାନେ ରଥ ଚିରଟ କରୁଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ଅରକଣ୍ଟା, ପନ୍ଦାରୀ, ବଳା ନିର୍ମାଣ ଚାଲିଛି । ଅନପଟେ ବୁଧବାର ଦେଢା ମଜୁରିକୁ ନେଇ ମହାରଣାଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତିନି ବିଶ୍ୱକର୍ମା ମନ୍ଦିର ପ୍ରଶାସନ ସହ ଆଲୋଚନା କରିଥିଲେ।

# କ୍ରୀଡ଼ା ଛାତ୍ରାବାସ ପୁନରୁଦ୍ଧାର ଦାବି



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କ୍ରୀଡ଼ାପ୍ରେମୀମାନେ।

**ପୁରୀ ଅଫିସ, ୨୨।୫**

ପ୍ରଳୟଙ୍କରୀ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲା କ୍ରୀଡା ଛାତ୍ରାବାସ ଓ ଜିମ୍ନାଷ୍ଟିକସ୍ ଗୃହର ପୁନରୁଦ୍ଧାର ଦାବିରେ ବୁଧବାର କେତେଜଣ କ୍ରୀଡାପ୍ରେମୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବାତ୍ୟାରେ ଛାତ୍ରାବାସ ଓ ଇନଡୋର ଷ୍ଟାଡିୟମ ଛାରଖାର ହୋଇଯାଇଛି। ଛାତ୍ରାବାସ କୋଠା, ଷ୍ଟାଡିୟମ ପାଚେରି ମାଟିରେ ମିଶିଯାଇଛି। ରାଜ୍ୟର ଏକମାତ୍ର ଜିମ୍ନାଷ୍ଟିକସ୍ ଛାତ୍ରାବାସ ଓ ଲକ୍ଷାଧିକ ଟଙ୍କାର ଅତ୍ୟାଧୁନିକ କ୍ରୀଡା ସାମଗ୍ରୀ ନଷ୍ଟ ହୋଇଛି। ଏଥିସହିତ ରେସଲିଙ୍ଗ ସାମଗ୍ରୀ ବିଚ୍ଛିନ୍‌ଭିନ୍ ହୋଇଯାଇଛି। ପ୍ରାୟ ୧୦କୋଟିରୁ ଊର୍ଦ୍ଧ୍ୱ କ୍ଷତି ଘଟିଛି। ସାରା ରାଜ୍ୟରେ ଜିମ୍ନାଷ୍ଟିକସ୍ ପାଇଁ ପୁରୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଅତୀତରେ ବହୁ ଖେଳାଳି ଏହି ଛାତ୍ରାବାସରେ ରହି ଉନ୍ନତ ଜ୍ଞାନ କୌଶଳରେ ପ୍ରଶିକ୍ଷଣ ନେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଗୌରବ ଅର୍ଜନ କରିଛନ୍ତି। କ୍ରୀଡାର ବିକାଶ କ୍ଷେତ୍ରରେ ପୁରୀ କ୍ରୀଡା ଛାତ୍ରାବାସର ବିଶେଷ ଭୂମିକା ରହିଛି। ଜିମ୍ନାଷ୍ଟିକସ୍ ଏଠାରୁ ଉଠିଗଲେ ବହୁ ଖେଳାଳି ଉପେକ୍ଷିତ ହେବେ। ଏହାର ପୁନରୁଦ୍ଧାର ଜରୁରୀ ହୋଇପଡିଛି ବୋଲି କ୍ରୀଡା ସଙ୍ଗଠକ ସବ୍ୟସାଚୀ ରଥ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କ୍ରୀଡ଼ାବିତ୍ ଦ୍ୱାରିକାନାଥ ମିଶ୍ର, ଚୌଧୁରୀ ପାର୍ଥ ସାରଥିଙ୍କ ସହ କ୍ରୀଡାପ୍ରେମୀ ଓ ଖେଳାଳି ସାମିଲ ହୋଇଥିଲେ।

# ଚମ୍ପାଝରରେ ଆଧାତ୍ମିକ ସାରସ୍ୱତ ସମାରୋହ

**ଖୋର୍ଦ୍ଧା ଅଫିସ,୨୨।୫**

ଖୋର୍ଦ୍ଧା ବ୍ଲକ ମଳିପଡ଼ା ନିକଟସ୍ଥ ଚମ୍ପାଝର ମୁଦୁଲି ସାହି ଭାଗବତ ଦେବ ପୀଠରେ ମଙ୍ଗଳବାର ଆଧାତ୍ମିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରର ଶିଶୁ ସାହିତ୍ୟ ଗବେଷକ ତ୍ରିଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଚମ୍ପାଝରର ଆଧାତ୍ମବାଦୀ କବି ବ୍ରଜକିଶୋର ମୁଦୁଲି ଯୋଗଦେଇ ଶ୍ରୀ ଚୈତନ୍ୟ ଭକ୍ତି ସରିତ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ପୁରୀ ସରକାରୀ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ଭାଷା ସୁରକ୍ଷା ସମ୍ମିଳନୀର ଖୋର୍ଦ୍ଧା ଜିଲା ସଭାପତି ସତ୍ୟବାଦୀ ବଳିଆରସିଂହ ମୁଖ୍ୟବକ୍ତା ଏବଂ ଅତିଥିଭାବେ ଜିଲା ନିଶା ନିବାରଣ ସମିତିର ସଭାପତି ରାମ ଶଙ୍କର, ପ୍ରଫେସର ଲକ୍ଷ୍ମୀଧର ଶ୍ରୀଚନ୍ଦନ, ଖୋର୍ଦ୍ଧାର ଶ୍ରୀ ଚୈତନ୍ୟ ଗବେଷଣା ପରିଷଦର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ସାମାଜିକ କର୍ମୀ କାଳୁ ଚରଣ ଖଣ୍ଡେଇତରାୟ, ରାଧାକୃଷ୍ଣ ମଠର ମହନ୍ତ ସାଗର ମହାରାଜ ଯୋଗଦେଇ ଉନ୍ମୋଚିତ ପୁସ୍ତକରେ ଶ୍ରୀ ଚୈତନ୍ୟଙ୍କ ଜୀବନୀ, ଆଦର୍ଶ ଓ ଭକ୍ତିଭାବ ବର୍ଣ୍ଣନା ରହିଛି ବୋଲି କହିଥିଲେ। ପରେ କବି ରମେଶ ଚନ୍ଦ୍ର ସାହୁ ଓ ନରେନ୍ଦ୍ର କୁମାର ମୁଦୁଲିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଖୋର୍ଦ୍ଧା, ଟାଙ୍ଗୀ, ଜଟଣୀ ଓ ପିପିଲି ବ୍ଲକର ବହୁ କବି କବୟିତ୍ରୀ ଯୋଗଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଗାୟକ ରାଜକିଶୋର ମୁଦୁଲି, ମୀନକେତନ ପାଇକରାୟ, ଚିକିତ୍ସକ କେଦାରନାଥ ମୁଦୁଲି ଓ ସାହିତ୍ୟିକ ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରସ୍ୱତ ପ୍ରତିଭା ସମ୍ମାନରେ ସନ୍ତୋଷ ଦାସ, ଶୁଭସ୍ମିତା ମୁଦୁଲି, ଚିନ୍ତାମଣି ଓଝା, ନରେନ୍ଦ୍ର ମୁଦୁଲି, ରାମ ନାରାୟଣ ଦାସ, ଦାଶରଥି ଶ୍ରୀଚନ୍ଦନ, ବ୍ରଜକିଶୋର ମୁଦୁଲି ଓ ଦିବ୍ୟଲୋଚନ ଭାରିମଲ୍ଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟ ପରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

# ରଙ୍ଗଣୀପାଟଣାରେ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ



ଗାୟତ୍ରୀ ମହାଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁ।

**ଓଡ଼ଗାଁ, ୨୨।୫(ସ୍ୱ.ପ୍ର.)**

ଓଡଗାଁ ଗାୟତ୍ରୀ ପରିବାର, ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀ ତଥା ରଙ୍ଗଣୀପାଟଣା ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ତିନିଦିନିଆ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ସୋମବାର ସକାଳୁ ଗ୍ରାମ ପୁଷ୍କରିଣୀରୁ ପାଞ୍ଚଶହ ପାଞ୍ଚ ମହିଳା, ବାଳିକା ଓ ଗାୟତ୍ରୀ ପରିବାରର ସଦସ୍ୟ କଳସ ଯାତ୍ରାରେ ନଗର ପରିକ୍ରମା କରିବା ସହିତ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ପ୍ରତ୍ୟହ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ସଂସ୍ଥାପକ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଣିତ ଗାୟତ୍ରୀ ମନ୍ତ୍ର ଜପ, ଧ୍ୟାନ ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ଧର୍ମଧାରଣର ବିସ୍ତାର ଏବଂ ସଦ୍ ବିବେକର ଜାଗରଣ ନିମନ୍ତେ ସଂସ୍କାର ପରମ୍ପରା ଅନୁସାରେ ପୁଂସବନ, ନାମକରଣ, ବିଦ୍ୟାରମ୍ଭ, ବିବାହ, ଦୀକ୍ଷା ଓ ଯଜ୍ଞପବୀତ ଧାରଣ ଆଦି ସଂସ୍କାର ନିଃଶୁଳ୍କ ଅନୁଷ୍ଠିତ ହୋଇଥିଲା । ଶାନ୍ତିକୁଞ୍ଜ ପରିବ୍ରାଜକ ମୀନକେତନ ପାତ୍ର ଦୈନିକ ପ୍ରଜ୍ଞା ପୁରାଣ ପାଠ କରିବା ସହିତ ଆଲୋଚନା କରିଥିଲେ । ଅଶୋକ ଭୋଇ, ବିଜୟ କୁମାର ପ୍ରଧାନ, ଗାୟତ୍ରୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

**ରଣପୁର,୨୨।୫(ସ୍ୱ.ପ୍ର.)**



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

ରଣପୁରସ୍ଥିତ କଳିଙ୍ଗ ଲୋଟସ୍ ସେଣ୍ଟ୍ରାଲ ଏକାଡେମୀର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ସ୍କୁଲ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ରଣପୁର ଏନ୍‌ଏସି ଅଧ୍ୟକ୍ଷା ସବିତା ଦାସ ମୁଖ୍ୟଅତିଥି, ବି.ସି. ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ବେହେରା ମୁଖ୍ୟବକ୍ତା ଓ ଏନଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ, ରାଜସୁନାଖଳା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେଶ କୁମାର ବଳବନ୍ତରାୟ, ଅର୍ଜ୍ଜୁନପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ବିଦ୍ୟାଳୟ ସଭାପତି ସୂର୍ଯ୍ୟ ନାରାୟଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳିଙ୍ଗ ଲୋଟସ୍ ସ୍କୁଲ ନିର୍ଦ୍ଦେଶକ ତଥା ସମ୍ପାଦକ ପ୍ରାଣନାଥ ବେହୁରା ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସାଗରିକା ସ୍ୱାଇଁ ବିବରଣୀ ପାଠ କରିଥିଲେ। ଶେଷରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟାସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମାଟ୍ରିକ ପରୀକ୍ଷା: ଶିଶୁମନ୍ଦିର ୨ ଛାତ୍ରୀଙ୍କ କୃତିତ୍ୱ

**ନିରାକାରପୁର,୨୨।୫(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଜଣ ଛାତ୍ରୀ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ୧ ଗ୍ରେଡ୍‌ରେ ୯୦ ପ୍ରତିଶତ ମାର୍କ ହାସଲ କରି ସୁନାମ ଅର୍ଜନ କରିଥିବା ଏହି ଛାତ୍ରୀଦ୍ୱୟ ହେଲେ ପ୍ରତୀକ୍ଷା ମିଶ୍ର ଓ ଶୁଭଶ୍ରୀ ସାହୁ । ଉଭୟ ୫୪୦ ମାର୍କ ରଖିଛନ୍ତି। ଶୁଭଶ୍ରୀ ଆଇଏଏସ୍ ଓ ପ୍ରତୀକ୍ଷା ଡାକ୍ତର ହେବା ପାଇଁ ଅଭିଳାଷ ରଖିଛନ୍ତି।

## ■ ଆଜି ଭୋଟ ଗଣତି

# କଡ଼ା ସୁରକ୍ଷା ବଳୟରେ କେନ୍ଦ୍ରୀୟ ବିଦ୍ୟାଳୟ

- ■ଗଣତି କକ୍ଷକୁ ମୋବାଇଲ ମନା
- ■୧୬ ପ୍ଲାଟୁନ ଫୋର୍ସ, ୧ ପ୍ଲାଟୁନ ସିଆଇଏସ୍‌ଏଫ
- ■ଲାଗିଛି ୩୨ ସିସିଟିଭି କ୍ୟାମେରା

**ପୁରୀ ଅଫିସ, ୨୨।୫**

ନିର୍ବାଚନ ଫଳାଫଳକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା। କିଏ ଜିତିବ, କିଏ ହାରିବ ତାହାକୁ ନେଇ ସବୁଠି ଚାଲିଛି ଅଙ୍କକଷା। ଚା' ଖଟିରୁ ଆରମ୍ଭ କରି ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ସବୁ ଜାଗାରେ ନିର୍ବାଚନ ଫଳାଫଳ ବିଷୟରେ ହେଉଛି ଆଲୋଚନା। ତେବେ ଗୁରୁବାର ସବୁ ଉତ୍କଣ୍ଠାର ପରିସମାପ୍ତି ଘଟିବାକୁ ଯାଉଛି। ଗୁରୁବାର ସକାଳୁ ଆରମ୍ଭ ହେବ ଭୋଟ ଗଣତି। ଏଥିଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୋଟ ଗଣତି କେନ୍ଦ୍ର କେନ୍ଦ୍ରୀୟ ବିଦ୍ୟାଳୟ ପରିସରକୁ କଡ଼ା ସୁରକ୍ଷା ବଳୟ ମଧରେ ରଖାଯାଇଛି। ଗଣତିକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ଗଣତି କେନ୍ଦ୍ରରେ ୧୬ ପ୍ଲାଟୁନ ପୋଲିସ ଫୋର୍ସ, ୧ ପ୍ଲାଟୁନ ସିଆଇଏସ୍‌ଏଫ୍ ସୁରକ୍ଷା ପାଇଁ ନିୟୋଜିତ ହେଉଥିବା ବେଳେ ଭୋଟ ଗଣତି ପ୍ରକୋଷ୍ଠ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ବିଭିନ୍ନ ସ୍ଥାନରେ ୩୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ତେବେ ଭୋଟ ଗଣତି ପ୍ରକ୍ରିୟା ଏବଂ ସମସ୍ତ ପ୍ରକାର ବ୍ୟବସ୍ଥା ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ ସୂଚନାଦେଇ କହିଛନ୍ତି ଯେ, ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଲୋକ ସଭା ପାଇଁ ହୋଇଥିବା ମତଦାନର ଗଣତି କରାଯିବ। ୮ଟି ପ୍ରକୋଷ୍ଠରେ ଗଣନା କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ଗୋଟିଏ ନିର୍ବାଚନ ମଣ୍ଡଳୀ ପାଇଁ ୭ଟି ଟେବୁଲ ହୋଇଛି। ପ୍ରତି ରାଉଣ୍ଡରେ ଗୋଟିଏ ନିର୍ବାଚନମଣ୍ଡଳୀର ୭ଟି ଲେଖାଏ ବୁଥ୍‌ର ଇଭିଏମ୍ ଅଣାଯାଇ ଗଣତି କରାଯିବ। ଏହା ସରିବା ପରେ ପୁଣି ଆଉ ୭ଟି ଇଭିଏମ୍ ଅଣାଯାଇ ଗଣତି ହେବ। ପ୍ରଥମେ ଇଲେକ୍ଟ୍ରୋନିକାଲ ଟ୍ରାନ୍ସମିଟେଡ୍ ବାଲଟ ପେପର (ଇଟିବିପି) ଏବଂ ପୋଷ୍ଟାଲ ବାଲଟ ଗଣତି ହେବ। ଇଟିବିପି ଏବଂ ପୋଷ୍ଟାଲ ବାଲଟ ଗଣତି ସରିବା ପରେ ଇଭିଏମ୍(ବୁଥ୍‌ସ୍ତରରେ ହୋଇଥିବା ମତଦାନ)ର ଗଣତି କରାଯିବ । ଇଭିଏମ୍ ଗଣତି ଶେଷ ହେବା ପରେ ପ୍ରତି ନିର୍ବାଚନମଣ୍ଡଳୀର ୫ଟି ଲେଖାଏ ଭିଭିପିଏଟି ଗଣତି କରାଯିବ। ତେବେ କେଉଁ ୫ଟି ଭିଭିପିଏଟି ଗଣତି ହେବ ତାହା ଲଟେରି ମାଧମରେ ସ୍ଥିର କରାଯିବ। ଭିଭିପିଏଟି ଗଣତି ପରେ ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ। ଯେ ହେତୁ ଚଳିତବର୍ଷ ପ୍ରଥମଥର ଭିଭିପିଏଟି ବ୍ୟବହାର କରାଯାଇଛି ତେବେ ଗଣତି ଅଧିକ ସମୟ ଲାଗିବାର ସମ୍ଭାବନା ରହିଛି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୋଲିସ, ବିଏସ୍‌ଏଫ୍ ଏବଂ ଆଇଆରବି ଯବାନ ଷ୍ଟ୍ରଙ୍ଗରୁମ୍‌କୁ ଜଗିଛନ୍ତି। ଭୋଟ ଗଣତି କେନ୍ଦ୍ରର ୧୦୦ ମିଟର ମଧରେ କୌଣସି ଗାଡି ପୂରାଇ ଦିଆଯିବ ନାହିଁ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଗେଟ୍ କରାଯାଇଛି। ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସେମାନେ ଯଦି ଚାହିଁବେ ପରିଚୟପତ୍ର ଦେଖାଇ ଭୋଟଗଣତି କେନ୍ଦ୍ରକୁ ଆସିପାରିବେ। ସେହିପରି ଗଣତିରେ ସାମିଲ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ମଧ ସ୍ୱତନ୍ତ୍ର ଗେଟ୍ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ କିପରି ଗଣତି ଏବଂ ଫଳାଫଳ ବିଷୟରେ ଜାଣିପାରିବେ ସେଥିଲାଗି ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ଡାକବାଜି ଯନ୍ତ୍ର ଏବଂ ଏଲ୍‌ଇଡି ସ୍କ୍ରିନ୍‌ରେ ମଧ ଫଳାଫଳ ଜାଣିବା ପାଇଁ ସୁବିଧା କରାଯାଇଛି। ସେହିପରି ପ୍ରାର୍ଥୀଙ୍କ ଏଜେଣ୍ଟଙ୍କୁ ମଧ ଫଟୋ ଥାଇ ପରିଚୟପତ୍ର ଦିଆଯାଇଛି। ସେମାନେ ପ୍ରବେଶ ପଥରେ ପରିଚୟପତ୍ର ଦେଖାଇ ଭୋଟ ଗଣତି କକ୍ଷକୁ ଯିବେ। ଗଣତିରେ ସାମିଲ ହେଉଥିବା ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ମୋବାଇଲ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । କେହି ମୋବାଇଲ ନେଇ ଭିତରକୁ ଯାଇପାରିବେ ନାହିଁ । ସେମାନଙ୍କୁ ଗେଟ୍‌ରେ ଯାଞ୍ଚ କରାଯାଇ ଭିତରକୁ ଛଡାଯିବ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି।

# ଆକାଉଣ୍ଟରୁ ୪୧ହଜାର ଟଙ୍କା ଗାଏବ

**ଖୋର୍ଦ୍ଧା ଅଫିସ,୨୨।୫**

ବାଲୁଗାଁ ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମର ବିବୁଧ ଭୂଷଣ ପଲେଇଙ୍କ ଆକାଉଣ୍ଟରୁ ୪୧ହଜାର ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବିବୁଧଙ୍କର ଆଙ୍ଗୁଲା ଷ୍ଟେଟ ବ୍ୟାଙ୍କ ଶାଖାରେ ଆକାଉଣ୍ଟ ରହିଛି। ଗତ ୩୦ତାରିଖରେ ୧୦ହଜାର ଓ ପରେ ୩୧ହଜାର ମୋଟ୍ ୪୧ହଜାର ଟଙ୍କା ଗାଏବ ହୋଇଯାଇଥିଲା। ହେଲେ ବିଭୂଧ ଜାଣି ପାରି ନ ଥିଲେ। ଟଙ୍କା ଗାଏବ ଦିବସରେ ବିବୁଧ ଆଇଡିବିଆଇ ବ୍ୟାଙ୍କ ବାଲୁଗାଁରୁ ଏଟିଏମ୍ ଯୋଗେ ୫୦୦ଟଙ୍କା ଉଠାଇବା ପରେ ତାଙ୍କର ୭୨ଟଙ୍କା ବାଲାନ୍ସ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବକେୟା ୪୧ହଜାର ଟଙ୍କା କୁଆଡେ ଗଲା ଜାଣିବା ପାଇଁ ବ୍ୟାଙ୍କକୁ ଯାଇଥିଲେ। ଘଟଣା ସମ୍ପର୍କରେ ବ୍ୟାଙ୍କରେ ଅଭିଯୋଗ କରିବା ପରେ ଉତ୍ତର ପ୍ରଦେଶ ଆଗ୍ରାର ପ୍ରଭେସ କୁମାର ତାଙ୍କ ତାଙ୍କ ଟଙ୍କାକୁ ଆକାଉଣ୍ଟ ଟ୍ରାନ୍ସଫର କରି ନେଇଥିବା ଜାଣିବାକୁ ପାଇଥିଲେ। ପରେ ବିଭୁଧ କଷ୍ଟମେୟାରକୁ ଅଭିଯୋଗ କରି ଏଟିଏମକୁ ବ୍ଲକ କରିଥିଲେ।